# କଟକ ସିଟି



## ଏସ୍‌ଏଚ୍‌ଜି ମହିଳାଙ୍କ ସହ ମେୟରଙ୍କ ଆଲୋଚନା



କଟକ, ୨୫ ।୨(ସମିସ): ରାଜାବଗିଚା ୟୁପି ସ୍କୁଲ ପଡ଼ିଆରେ ମେୟର ସୁବାସ ସିଂ ୱାର୍ଡ ନମ୍ବର ୨୯ର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟ/ସଭ୍ୟାଙ୍କ ସହ ୱାର୍ଡର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ୭୨ଟି ସ୍ୱୟଂ ସହାୟକ ମହିଳା ଗୋଷ୍ଠିରୁ ପ୍ରାୟ ୬୦୦ ଜଣ ମହିଳା ଉପସ୍ଥିତ ଥିଲେ। ଏହି ସଭାରେ ମେୟର ଶ୍ରୀ ସିଂ ରାଜ୍ୟ ସରକାରଙ୍କର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଚାଲୁଥିବା ବିଭିନ୍ନ ଯୋଜନା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। କଟକ ସହରର ମା' ଭଉଣୀମାନେ କେଉଁଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଉପସ୍ଥିତ ମହିଳାଙ୍କ ବିଭିନ୍ନ ସମସ୍ୟା ଶୁଣିଥିଲେ ଓ ଯଥାଶୀଘ୍ର ଏହାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ସଭାରେ ମେୟରଙ୍କ ସହିତ ୱାର୍ଡ ନମ୍ବର ୨୯ର କର୍ପୋରେଟର ସୁମିତ୍ରା ବସ୍ତିଆ, ମହାନଗର ନିଗମର ଡେପୁଟି କମିଶନର ଅଜୟ ମହାନ୍ତି, ବିବେକାନନ୍ଦ ଜେନା, ତପ୍ତି ଦାସ, ବେବିନା ସେଠୀ, ମମତା ରାଉତ୍‌, ପୁଷ୍ପିତା ମନ୍ତ୍ରୀ, ଜୟଶ୍ରୀ ପରିଡ଼ା, ମୀନତି ମହାନ୍ତି, ପ୍ରଫୁଲ୍ଲ ରାଜ୍‌, ରବୀନ୍ଦ୍ର ଜେନା, ବଳରାମ ପଟ୍ଟନାୟକ, ଗଣେଶ୍ୱର ସାହୁ, ପ୍ରସନ୍ନ ପଟ୍ଟନାୟକ, ଶୈଳେନ୍‌ କୁମାର ଧଳ, ପ୍ରମୋଦ ସିହ୍ନା, କୁନୁ ରାଜ୍‌, ଶରତ ରାଜ, ବାଦଲ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### କ୍ରୁଟ୍‌ର ସ୍ୱତନ୍ତ୍ର ପାସ୍‌ ବ୍ୟବସ୍ଥା

# ସିଏନ୍‌ବିଟିରେ ଉପଲବ୍ଧ ହେବ 'ସ୍ମାର୍ଟକାର୍ଡ'

କଟକ, ୨୫ ।୨(ସମିସ)






■ ଖୁବ୍‌ଶୀଘ୍ର ନିର୍ମାଣ କରାଯିବ ଓଡି-ଟର୍ମିନାଲ୍‌

■ ୫୦୦ଟଙ୍କା ବସ୍‌ ପାସ୍‌ରେ ୪୦% ଏବଂ ୧ହଜାର ଟଙ୍କା ପାସ୍‌ରେ ମିଳିବ ୫୦% ଲାଭାଂଶ ମୂଲ୍ୟ

ସହରରେ କ୍ରୁଟ୍‌ (କ୍ୟାପିଟାଲ୍‌ ରିଜିୟନ୍‌ ଅର୍ବାନ୍‌ ଟ୍ରାନ୍ସପୋର୍ଟ) ମୋ ବସ୍‌ ଚଳାଚଳକୁ ବ୍ୟବସ୍ଥାପିତ ଢଙ୍ଗରେ କରିବା ସହିତ ସାଧାରଣ ଯାତ୍ରୀଙ୍କ ପାଇଁ ନୂଆ ପାସ୍‌ ବ୍ୟବସ୍ଥା ଆରମ୍ଭ କରିବାକୁ ଯାଉଛି। ବସ୍‌ ଯାତ୍ରୀମାନେ ଏଣିକି ଆଉ ସାଙ୍ଗରେ ଟଙ୍କା ନେଇ ଯିବାର ଆବଶ୍ୟକତା ନାହିଁ। ମୋ ବସ୍‌ ଯାତ୍ରୀ କାର୍ଡ ଦ୍ୱାରା ଟିକଟ୍‌ ନେଇ ପାରିବେ। ଆପ୍‌ ମାଧ୍ୟମରେ ମଧ୍ୟ ଟିକଟ ପାଇପାରିବେ। ମୋ ବସ୍‌ ସେବାରେ ଉନ୍ନତ ପ୍ରଯୁକ୍ତି ବିଦ୍ୟା ଓ ଯାତ୍ରୀମାନଙ୍କ ପାଇଁ ସହଜ, ସରଳ ଯାତ୍ରା ନିମନ୍ତେ ଏକ ନୂଆ ମୋ ବସ୍‌ ମୋବାଇଲ୍‌ ଆପ୍ଲିକେସନ୍‌ ଉନ୍ମୋଚନ କରାଯାଇଛି। କଟକର ନେତାଜୀ ବସ୍‌ ଟର୍ମିନାଲ୍‌ରେ ଏହି ସ୍ୱତନ୍ତ୍ର ପାସ୍‌ ଉପଲବ୍ଧ ହେଉଛି। ପୂର୍ବରୁ ଯଦିଓ ମୋ ବସ୍‌' ପାସ୍‌ ବ୍ୟବସ୍ଥାରେ କାର୍ଡର ସୁବିଧା ରହିଥିଲା, ଏବେ ଆଉ ଏକ ନୂଆ ସ୍ମାର୍ଟ କାର୍ଡ ସହିତ ସ୍ୱତନ୍ତ୍ର ଅଫର୍‌ ଘୋଷଣା ହୋଇଛି। ୫୦ ଟଙ୍କା ଦେଇ କାର୍ଡ କ୍ରୟ କରିବା ପରେ, ୫୦୦ ଟଙ୍କାର ରିଚାର୍ଜ ଉପରେ ୪୦ ପ୍ରତିଶତ ଏବଂ ୧୦୦୦ ଟଙ୍କାର ରିଚାର୍ଜ ଉପରେ ୫୦ ପ୍ରତିଶତ ଲାଭାଂଶ ମୂଲ୍ୟ ସହିତ କାର୍ଡ ଯାତ୍ରୀମାନେ ପାଇପାରିବେ। ଏହି ସ୍ୱତନ୍ତ୍ର ଅଫର୍‌ ୧ମାର୍ଚ୍ଚ ପର୍ଯ୍ୟନ୍ତ ରହିଛି। ଯାତ୍ରୀମାନେ ଏହି କାର୍ଡକୁ କ୍ରୟ କରିବା ପରେ ମୋ ବସ୍‌ ସେବା ଉପଲବ୍ଧ ଥିବା ସମସ୍ତ ସହରରେ ଏହାକୁ ବ୍ୟବହାର କରି ପାରିବେ ବୋଲି କ୍ରୁଟ୍‌ର ଅପରେସନ୍‌ ମୁଖ୍ୟ ସଞ୍ଜୟ ବିଶ୍ୱାଳ ସୂଚନା ଦେଇଛନ୍ତି।

କ୍ରୁଟ୍‌ କାର୍ଯ୍ୟାଳୟ ପକ୍ଷରୁ ପ୍ରାପ୍ତ ସୂଚନା ଅନୁସାରେ, ମୋ ବସ୍‌ ସେବାରେ ଉନ୍ନତ ପ୍ରଯୁକ୍ତି ବିଦ୍ୟା ଓ ଯାତ୍ରୀମାନଙ୍କ ପାଇଁ ସହଜ, ସରଳ ଯାତ୍ରା କରିବା ଉଦ୍ଦେଶ୍ୟରେ ଏକ ନୂଆ ମୋ ବସ୍‌ ମୋବାଇଲ୍‌ ଆପ୍ଲିକେସନ୍‌ ଉନ୍ମୋଚନ ହୋଇଛି। ଯେଉଁଥିରେ ଚଳନ୍ତା ବସ୍‌ଗୁଡ଼ିକର ଟ୍ରାକିଂ ଏବଂ ବସ୍‌ ମଧ୍ୟରେ ଥିବା ବାସ୍ତବିକ ସମୟର ଯାତ୍ରୀଙ୍କ ସ୍ଥିତି ଜାଣିହେବ। ଏହି ଆପ୍‌କୁ ବ୍ୟବହାର କରି ଯାତ୍ରୀମାନେ ଅନ୍‌ଲାଇନ୍‌ ଟିକଟ୍‌ ଏବଂ ନୂତନ ପାସ୍‌ କରିବା ସହିତ ଏହାର ନବୀକରଣ କରିପାରିବେ ବୋଲି କ୍ରୁଟ୍‌ର ଅପରେସନ୍‌ ମୁଖ୍ୟ ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି। ମୋ ବସ୍‌ ମୋବାଇଲ୍‌ ଆପ୍ଲିକେସନ୍‌ର ଉଭୟ ଆଣ୍ଡ୍ରଏଡ୍‌ ଏବଂ ଆଇଓଏସ୍‌ ଭର୍ସନ ପ୍ଲେ'ଷ୍ଟୋରରେ ଉପଲବ୍ଧ ହେଉଛି। ଯେଉଁଥିରେ ଯାତ୍ରୀମାନେ ମୋ ବସ୍‌ ସେବା ଉପଲବ୍ଧ ଥିବା ପ୍ରତ୍ୟେକ ସହର ଓ ଏହାର ରୁଟ୍‌ ବିଷୟରେ ସେଥିରୁ ଜାଣିପାରିବେ। ଏହି ନୂତନ ଆପ୍‌ ମାଧ୍ୟମରେ ମୋ ବସ୍‌ରେ ଯାତ୍ରା କରିବା ସମୟରେ ହିଁ ଜଣେ ଯାତ୍ରୀ ନିଜର ଟିକେଟ୍‌ ବୁକ୍‌ କରିପାରିବା ସହିତ ଆଗାମୀ ଯାତ୍ରାର ଯୋଜନା ସହଜରେ ପ୍ରସ୍ତୁତ କରି ପାରିବ। ବସ୍‌ ପହଞ୍ଚିବା ପୂର୍ବରୁ ମୋ ବସ୍‌ ମଧ୍ୟରେ ଯାତ୍ରୀଙ୍କ ଉପସ୍ଥିତି ଜାଣିବା ସହିତ ଷ୍ଟପେଜ୍‌ରେ ବସ୍‌ ପହଞ୍ଚିବାର ଆନୁମାନିକ ସମୟ ମଧ୍ୟ ଜାଣିହେବ। ତାହା ସହିତ ଯାତ୍ରୀଙ୍କ ଚତୁଃପାର୍ଶ୍ୱରେ ଚଳାଚଳ କରୁଥିବା ଅନ୍ୟ ମୋ ବସ୍‌କୁ ଦେଖିପାରବାର ସୁବିଧା କରାଯାଇଛି। ନିଜ ସହର ଓ ନିଜ ଭାଷା ଚୟନ କରି ଏହାକୁ ବ୍ୟବହାର କରିପାରିବେ ବୋଲି ସୂଚନା ପ୍ରଦାନ କରାଯାଇଛି।

ଅନ୍ୟପକ୍ଷରେ କଟକ ସହରରେ ନୂଆ ଓଡି ଟର୍ମିନାଲ(ଅରିଜିନ୍‌ ଡେଷ୍ଟିନେସନ୍‌ ଟର୍ମିନାଲ୍‌) ନିର୍ମାଣ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସିଡିଏ ସେକ୍ଟର-୧୦ସ୍ଥିତ ବିଜୁ ପଟ୍ଟନାୟକ ପାର୍କ, ସିଏନ୍‌ବିଟି ପରିସର ଏବଂ ଜଗତପୁର ଠାରେ ପ୍ରଥମ ପର୍ଯ୍ୟାୟରେ ୩ଟି ଓଡି ଟର୍ମିନାଲ୍‌ କରାଯିବ। ପରବର୍ତ୍ତି ପର୍ଯ୍ୟାୟରେ ଆଉ ୩ଟି ଟର୍ମିନାଲ୍‌ ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଟର୍ମିନାଲ୍‌ରେ ଇ-ବସ୍‌ ପରିଚାଳନା କରାଯିବ। ମୁଖ୍ୟତଃ ଏଠାରେ ଚାର୍ଜିଂ ପଏଣ୍ଟ, ବସ୍‌ରେ ଯିବା ଆସିବା ନିମନ୍ତେ ମାସିକ ପାସ୍‌ ବ୍ୟବସ୍ଥା, ସ୍ମାର୍ଟ ପାସ୍‌ ଇସ୍ୟୁ କରାଯିବ। ଏଠାରେ ଆରମ୍ଭ କରାଯାଇଥିବା ନୂଆ ସ୍ମାର୍ଟକାର୍ଡ ବି ଉପଲବ୍ଧ ହେବ। ଡ୍ରାଇଭର, କଣ୍ଡକ୍ଟର ଓ ଅନ୍ୟାନ୍ୟ କର୍ମଚାରୀମାନେ ରହିବା ନିମନ୍ତେ ସମ୍ପୃକ୍ତ ଓଡି ଟର୍ମିନାଲ୍‌ରେ ବ୍ୟବସ୍ଥା ହେବ। ଯେତେଶୀଘ୍ର ଓଡି ଟର୍ମିନାଲ୍‌ କଟକ ସହରରେ କାର୍ଯ୍ୟକ୍ଷମ ହେବ, ସେତେଶୀଘ୍ର ରାଜ୍ୟ ସରକାର ଇ-ବସ୍‌ ଚଳାଚଳ ବ୍ୟବସ୍ଥା କରିବେ ବୋଲି କ୍ରୁଟ୍‌ କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ଏହାକୁ ଦୃଷ୍ଟିରେ ରଖି କଟକ ସହରରେ ଓଡି ଟର୍ମିନାଲ୍‌ ଯୁଦ୍ଧକାଳୀନ ଭିତ୍ତିରେ କରାଯିବ ବୋଲି ଜଣାପଡ଼ିଛି।

## ଫାଓ ପକ୍ଷରୁ ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣୀ ଉତ୍ସବ

କଟକ, ୨୫।୨(ସମିସ)

ଓସିଏ ସମ୍ମିଳନୀ କକ୍ଷରେ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ରବିବାର ସନ୍ଧ୍ୟାରେ ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ନବନିର୍ବାଚିତ ସାଂସଦ ଦେବାଶିଷ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଓଡ଼ିଶା ମହିଳା ଲିଗ୍‌ର ଚାମ୍ପିଅନ ନୀତା ଫୁଟବଲ ଏକାଡେମୀ, ରନର୍ସଅପ ଓଜିପି କ୍ଲବ, ଫାଓ ୟୁଥ୍‌ ଲିଗ୍‌ ୧୩ବର୍ଷରୁ କମ୍‌ ବୟସ ବର୍ଗର ଚାମ୍ପିଅନ କିଟ୍‌-କିସ, ରନର୍ସଅପ ଆରଡୋର ଫୁଟବଲ ଏକାଡେମୀ, ୧୫ବର୍ଷରୁ କମ୍‌ ବୟସ ବର୍ଗର ଚାମ୍ପିଅନ ସ୍ପୋର୍ଟସ ଓଡ଼ିଶା, ରନର୍ସଅପ କିଟ୍‌-କିସ୍‌, ଫାଓ ଇଣ୍ଟର କ୍ଲବ ଫୁଟସାଲ ଚାମ୍ପିଅନସିପ୍‌ର ଚାମ୍ପିଅନ ସ୍ପୋର୍ଟସ ଓଡ଼ିଶା ଏବଂ ରନର୍ସଅପ ଓଜିପି କ୍ଲବକୁ ପୁରସ୍କୃତ କରାଯାଇଥିଲା। ଚାମ୍ପିଅନ ଏବଂ ରନର୍ସଅପ ଦଳକୁ ଟ୍ରଫି ସମେତ ୨୫ହଜାର ଏବଂ ୧୫ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ଦିଆଯାଇଥିଲା। ସେହିପରି ଫାଓ ପ୍ରଥମ ଡିଭିଜନ ଲିଗ୍‌ ଡାଏମଣ୍ଡ ଗ୍ରୁପ ଚାମ୍ପିଅନ ସନରାଇଜ କ୍ଲବକୁ ଟ୍ରଫି ଏବଂ ୧ଲକ୍ଷ ଟଙ୍କା, ଗୋଲ୍ଡ ଗ୍ରୁପର ଚାମ୍ପିଅନ ରାଇଜିଂ ଷ୍ଟାର କ୍ଲବକୁ ଟ୍ରଫି ଏବଂ ୭୫ହଜାର ଟଙ୍କା, ସିଲଭର ଗ୍ରୁପ ଚାମ୍ପିଅନ ଇଣ୍ଡିପେଣ୍ଡେଣ୍ଟ କ୍ଲବକୁ ଟ୍ରଫି ଏବଂ ୫୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଫାଓ ଦ୍ୱିତୀୟ ଡିଭିଜନ ଲିଗ୍‌ର ଚାମ୍ପିଅନ ଗାଲାଣ୍ଟ କ୍ଲବକୁ ଟ୍ରଫି ଏବଂ ୨୫ହଜାର ଟଙ୍କା, ରନର୍ସଅପ ଚୌଦ୍ୱାର ୱାଏଏଫସି କ୍ଲବକୁ ଟ୍ରଫି ସମେତ ୧୫ହଜାର ଟଙ୍କା ପ୍ରଦାନ କରାଯାଇଛି। ଫାଓ ସୁପର କପ୍‌ର ଚାମ୍ପିଅନ ସ୍ପୋର୍ଟସ ହଷ୍ଟେଲକୁ ଟ୍ରଫି ଏବଂ ୧ଲକ୍ଷ ଟଙ୍କା, ରନର୍ସଅପ ସନରାଇଜ କ୍ଲବକୁ ଟ୍ରଫି ଏବଂ ୫୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ମେୟର ସୁବାସ ସିଂହ, ଓସିଏ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ଉପସଭାପତି ବିଜୟ ଦାସ, ଦିଲ୍ଲୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, ବିଶ୍ୱ ରଞ୍ଜନ ଘଡେଇ, ନଗର ବିଜେଡି ସଭାପତି ମଧୁସୂଦନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

### ସାଂସଦ ଦେବାଶିଷଙ୍କୁ ସମ୍ବର୍ଦ୍ଧନା






ବଉଳର ବାସ୍ନାରେ ମହକୁଛି ବସନ୍ତ

ଫଟୋ - ବିକାଶ

## ଏପ୍ରିଲ ୧୦ରେ ହୋମିଓପାଥିକ ଚିକିତ୍ସକ ସଂଘର ବାର୍ଷିକ ସମ୍ମିଳନୀ

କଟକ, ୨୫।୨(ସମିସ): ହୋମିଓପାଥିର ଜନକ ଡଃ ସାମୁଏଲ ଫେଡ୍ରିକ ହ୍ୟାନିମାନଙ୍କ ୨୬୯ତମ ଜନ୍ମଜୟନ୍ତୀ ଅବସରରେ ଘରୋଇ ହୋମିଓପାଥିକ ଚିକିତ୍ସକ ସଂଘ ପକ୍ଷରୁ ନବମ ବାର୍ଷିକ ସମ୍ମିଳନୀ ଆସନ୍ତା ଏପ୍ରିଲ ୧୦ ତାରିଖରେ ଭୁବନେଶ୍ୱର ସ୍ଥିତ ଭଞ୍ଜକଳା ମଣ୍ଡପ ଠାରେ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ରାଜ୍ୟର ବହୁ ସୁନାମଧାରୀ ବ୍ୟକ୍ତି ବିଶେଷ ଯୋଗଦେବେ। ସଂଘ ପକ୍ଷରୁ ଏକ ସ୍ମରଣିକା 'ଏକଲବ୍ୟ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହେବ ବୋଲି ସଂଘର ରାଜ୍ୟ ସଭାପତି ଡ. ନେତ୍ରାନନ୍ଦ ଭୋଇ ଖପୁରିଆ ସ୍ଥିତ ଓଇଆ ମଣ୍ଡପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିସହିତ ଘରୋଇ ହୋମିଓପାଥିକ ଚିକିତ୍ସକମାନେ ସରକାରଙ୍କ ନିକଟରେ କେତେକ ଦାବି ରଖିଛନ୍ତି। ମୁଖ୍ୟତଃ ଚିକିତ୍ସକମାନଙ୍କୁ ତାଲିକାଭୁକ୍ତ ମାନ୍ୟତା ପ୍ରଦାନ କରାଯାଉ। ଚିକିତ୍ସା ଯୋଗାଇ ଦେଇ ଆସୁଥିବା ଚିକିତ୍ସକଙ୍କ ପାଇଁ ଏକ କମିଟି ଗଠନ କରାଯାଉ। ରାଜ୍ୟରେ ହୋମିଓପାଥିକ ଚିକିତ୍ସାକୁ ଲୋକାଭିମୁଖି କରିବା ଦିଗରେ ନୂତନ ଭାବେ 'ବିଜୁ ହୋମିଓ ସ୍ୱାସ୍ଥ୍ୟ ମିଶନ' ପ୍ରତିଷ୍ଠା କରି ଚିକିତ୍ସକମାନଙ୍କୁ ସେବା ନିମନ୍ତେ ସୁଯୋଗ ପ୍ରଦାନ କରାଯାଉ। ଯାହାଦ୍ୱାରା ରାଜ୍ୟରେ ୧୫ ହଜାରରୁ ଉର୍ଦ୍ଧ୍ୱ ଘରୋଇ ଚିକିତ୍ସକ ଉପକୃତ ହେବେ। ରାଜ୍ୟ ସରକାର ପ୍ରତ୍ୟେକ ବର୍ଗର ଲୋକଙ୍କ ପାଇଁ କିଛି ନା କିଛି ସହାୟତା ଯୋଗାଇ ଦେଇ ଆସୁଥିବା ବେଳେ ହୋମିଓପାଥିକ ଚିକିତ୍ସକଙ୍କ ପ୍ରତି ଦୃଷ୍ଟି ଦେବାକୁ ନିବେଦନ ହୋଇଛି। ସମ୍ମିଳନୀରେ ଉପଦେଷ୍ଟା ନିହାର ରଞ୍ଜନ ବିଶ୍ୱାଳ, ଉପସଭାପତି ଜଗନ୍ନାଥ ଦାସ, ସାଧାରଣ ସମ୍ପାଦକ ପ୍ରଫୁଲ ବାରିକ, ସମ୍ପାଦକ ଗୁରୁ ଚରଣ ସାହୁ, କୋଷାଧ୍ୟକ୍ଷ ମହେନ୍ଦ୍ର ସାହୁ, କପିଳେନ୍ଦ୍ର ଗିରି, ସୁଶାନ୍ତ ଜେନା, ଅଶୋକ ଆଚାର୍ଯ୍ୟ, ବିକାଶ ମହାନ୍ତି, କାଳୀପ୍ରସନ୍ନ ରାଉତ, ରଞ୍ଜିତ ଆଚାର୍ଯ୍ୟ, ପୂର୍ଣ୍ଣ ଚନ୍ଦ୍ର ରାଉତ ଏବଂ ରାଜେନ୍ଦ୍ର ରଣାଙ୍କ ସମେତ ବହୁ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

### ସଂକୀର୍ଣ୍ଣ ସର୍ଭିସ ରୋଡ୍‌ ପାଇଁ ଗୋଶାଳା ଓଭରବ୍ରିଜ୍‌ କାମ ମନ୍ଥର

# ମାର୍ଚ୍ଚ ଶେଷ ସୁଦ୍ଧା ସରିବ କାମ !

କଟକ, ୨୫ ।୨(ସମିସ)



୨୦୨୪ ସାଧାରଣ ନିର୍ବାଚନ ଆଚରଣ ବିଧି ଲାଗୁ ପୂର୍ବରୁ କଟକ ସହରର ପୂର୍ବାଞ୍ଚଳସ୍ଥିତ ଗୋଶାଳା ରେଳ ଓଭରବ୍ରିଜ ଉଦଘାଟନ ହୋଇପାରିବ ନାହିଁ। ଏହି ବ୍ରିଜ ନିର୍ମାଣ କାର୍ଯ୍ୟ ପ୍ରାୟ ୪-୫ବର୍ଷ ହେଲାଣି ଚାଲୁଥିବା ବେଳେ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ହେଲେ ଆହୁରି ୪ଟି ସ୍ପାନ ଓ ସଂଯୋଗୀକରଣ ରାସ୍ତା ନିର୍ମାଣ ସରି ନ ଥିବା ବେଳେ ଏହା ସରିବାକୁ ଆସନ୍ତା ମାର୍ଚ୍ଚ ଶେଷ ହୋଇଯିବ ବୋଲି ଜଣାପଡ଼ିଛି। ସୂଚନାଥାଉକି ୨୦୧୭ ମସିହାରେ ନୂଆବଜାର ଗୋଶାଳା ଠାରେ ରେଳ ଓଭରବ୍ରିଜ ପାଇଁ ଅର୍ଥ ମଞ୍ଜୁର ହେବା ପରେ ଏହାର ଟେଣ୍ଡର କରାଯାଇଥିଲା। ଉଭୟ ରେଳବାଇ ଓ ପୂର୍ତ୍ତ ବିଭାଗର ସହଯୋଗରେ ଏଠାରେ ଏକ ଓଭରବ୍ରିଜ ନିର୍ମାଣ ପାଇଁ ପ୍ରକଳ୍ପ ମଞ୍ଜୁର ହୋଇପାରିଥିଲା। ଏହି ବ୍ରିଜ ନିର୍ମାଣ ଲାଗି ପ୍ରାୟ ୫୦କୋଟିରୁ ଅଧିକ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଯେଉଁଥିରେ ରେଳବାଇ ୨୦ କୋଟି ଓ ପୂର୍ତ୍ତ ବିଭାଗ ପ୍ରାୟ ୩୧ କୋଟି ୧୮ ଲକ୍ଷ ଟଙ୍କା ଅନୁଦାନ ରହିଥିବା ଜଣାପଡ଼ିଛି। ନୂଆବଜାର-ପ୍ରେସଛକ ରାସ୍ତାର ଗୋଶାଳାର କିଛି ଦୁରତ୍ୱରେ କଟକ-ପାରାଦ୍ୱୀପ ରେଳପଥ ଯାଇଛି। ଏଠାରେ ଥିବା ଲେବୁଲ କ୍ରସିଂ ନିକଟରେ ପ୍ରତ୍ୟହ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ଜାମ ହୋଇଆସୁଛି। ବିଭାଗୀୟ ନିର୍ବାହଯନ୍ତ୍ରୀଙ୍କ କହିବାନୁସାରେ ସଂକୀର୍ଣ୍ଣ ସର୍ଭିସ ରୋଡ ପାଇଁ ବ୍ରିଜ ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ଦୈନନ୍ଦିନ ଶହ ଶହ ଯାନବାହନ ଚଳାଚଳ କରୁଥିବା ବେଳେ ବ୍ରିଜ ନିର୍ମାଣ କାମ ବିଳମ୍ବିତ ହୋଇଛି। ୨୨ଟି ପିଲାର ସରିଥିବା ବେଳେ ଏବେ ଆଉ ୪ଟି ସ୍ପାନ ନିର୍ମାଣ ହେବାକୁ ବାକି ରହିଛି ବୋଲି ଯନ୍ତ୍ରୀ ପ୍ରକାଶ କରିଛନ୍ତି। ବିଶେଷ କରି ୩୩ କେଭି ବିଜୁଳି ଲାଇନ ସହ ପାଇପଲାଇନ ସ୍ଥାନାନ୍ତର ସମସ୍ୟାରୁ ବ୍ରିଜ କାମ ଦ୍ରୁତ ଗତିରେ ଆଗେଇ ପାରି ନ ଥିବା କୁହାଯାଇଛି। ସୂଚନାନୁସାରେ ଏହି ଓଭର ବ୍ରିଜ ନିର୍ମାଣ କାମ ଶେଷ ପାଇଁ ସ୍ଥିର ହୋଇଥିବା ଡେଡ୍‌ ଲାଇନ ଦୁଇ ବର୍ଷ ହେଲାଣି ଅତିକ୍ରାନ୍ତ କରିଗଲାଣି। ନୂଆବଜାର ଛକରୁ ନୂଆପଡ଼ା, ଖପୁରିଆ, ବୟାଳିଶମୌଜା ମୁଖ୍ୟ ରାସ୍ତାକୁ ସଂଯୋଗ କରୁଛି ଗୋଶାଳା ରାସ୍ତା। ଖପୁରିଆସ୍ଥିତ ସରକାରୀ ପ୍ରେସ, ସରକାରୀ ଆଇଟିଆଇ, ନୂଆପଡ଼ା ଠାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମେତ ଖପୁରିଆ ଶିଳ୍ପାଞ୍ଚଳକୁ ପ୍ରତ୍ୟେହ ହଜାର ହଜାର ସଂଖ୍ୟାରେ ଲୋକେ ଯାନବାହନରେ ଯାତାୟତ କରିଥାନ୍ତି। ଏବେ ସେମାନେ ଅସୁବିଧା ଭୋଗ କରୁଥିବା ଦେଖିବାକୁ ମିଳିଛି। ସେହିପରି ବାଲିକୁଦା-ଗୋପାଳପୁର ରେଳ ଓଭରବ୍ରିଜ ନିର୍ମାଣ ଗତ ୫ମାସ ଧରି ସରିଥିଲେ ବି ଏହା ଖୋଲିପାରିନାହିଁ। ଆସନ୍ତା ଦୁଇ ତିନି ମଧ୍ୟରେ ଏହାର ଉଦଘାଟନ ହେବ ବୋଲି ଜନୈକ ଅଧିକାରୀ କହିଛନ୍ତି। ଅନ୍ୟପଟରେ କଟକ କନ୍ଦରପୁର ଠାରେ ଏଯାଏଁ ରେଳ ଓଭର ବ୍ରିଜ କାମ ଆରମ୍ଭ ହୋଇପାରିନାହିଁ।

## ମହିଳାଙ୍କ ସହ ଆଲୋଚନା କଲେ ବିଧାୟକ

କଟକ, ୨୫।୨(ସମିସ)

ବିଡାନାସୀ ସ୍ଥିତ ମେଡିକାଲ ଛକ ଠାରେ କଂଗ୍ରେସ ନେତା ସନ୍ତୋଷ କୁମାର ଲେଙ୍କାଙ୍କ ପୌରୋହିତ୍ୟରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବାରବାଟୀ-କଟକ ବିଧାୟକ ଇଂ ମହମ୍ମଦ ମୋକିମ ଯୋଗଦେଇ ମହିଳାମାନଙ୍କର ସମସ୍ୟା ଏବଂ ମହିଳା ସଶକ୍ତିକରଣ ପାଇଁ ଆବଶ୍ୟକ ସାହାଯ୍ୟ ସହଯୋଗ କରିବେ ବୋଲି କହିଥିଲେ। ଉପସ୍ଥିତ ମହିଳା ସଦସ୍ୟାମାନେ ନିଜର ସଂଗଠନର ତଥା ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ରାଜଲକ୍ଷ୍ମୀ ସାହୁ, ଭବାନୀ ନାୟକ, ଗାୟତ୍ରୀ ଲେଙ୍କା, ସନ୍ଧ୍ୟାରାଣୀ ରାଉଳ, ସୁଷମା ପ୍ରଧାନ, ସୋନାଲୀ ଛାଟୋଇ, ମିନତୀ ନାୟକ, ଝରଣା ପ୍ରଧାନ, କେତକୀ ଶର୍ମା, ପ୍ରିୟମ୍ବଦା ବେହେରା, ଶୁଭଶ୍ରୀ ନାୟକ, ପୂଜାରାଣୀ ଦାସ, ସୁଶ୍ରୀ ସିଂ, କୁନି ବାରିକ, ତୃପ୍ତିଶତପଥୀ, ସସ୍ମିତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।





# ନିର୍ବାଚନ ପୂର୍ବରୁ ଯୁବ ଓ ଛାତ୍ର ବିଜେଡିର ପ୍ରସ୍ତୁତି



କଟକ, ୨୫।୨(ସମିସ): ଆଗାମୀ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳର ଯୁବ, ଛାତ୍ର ନେତା ଓ କର୍ମୀମାନେ ପ୍ରମୁଖ ଭୂମିକା ତୁଲାଇବେ। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଗୁଡ଼ିକୁ ଘରେ ଘରେ ପହଞ୍ଚାଯିବ। ବିଜେଡି ପୁଣି ରାଜ୍ୟରେ ବିପୁଳ ମାତ୍ରାରେ ବିଜୟ ଲାଭ କରିବ। ଆଜି ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ଯୁବ ଓ ଛାତ୍ର ନେତାଙ୍କୁ ନେଇ ହୋଇଥିବା ବୈଠକରେ ଏହି ଆହ୍ୱାନ ଦିଆଯାଇଛି। ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ତଥା ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ବୈଠକରେ ଅଧ୍ୟକ୍ଷତା କରିଥିଲେ। ବିଜୁ ଯୁବ ଜନତା ଦଳର ମହାନଗର ସଭାପତି ସୌମ୍ୟଦୀପ ଘୋଷ, ବାରବାଟୀ ସଭାପତି ଶୟଦ୍ ଜଲିଲ, ରାଜ୍ୟ ସାଧାରଣ ସମ୍ପାଦକ ଜଗତଜ୍ୟୋତି ପଟ୍ଟନାୟକ, ସମ୍ପାଦକ ଅମରେଶ ରାଜ, ବିଜୁ ଛାତ୍ର ଜନତା ଦଳର କଟକ ଜିଲ୍ଲା ସଭାପତି ଆସିଫ ଅମିନ, ରାଜ୍ୟ ସାଧାରଣ ସମ୍ପାଦକ ସନ୍ତୋଷ ମହାପାତ୍ର, ଦେବାଶିଷ ସ୍ୱାଇଁ, ସୁମନ ବେହେରା ଆଦି ଯୋଗଦେଇ ନିଜର ମତାମତ ଦେଇଥିଲେ। ରାମକୃଷ୍ଣ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିକିତ୍ସକ କମଳାକାନ୍ତ କରଙ୍କୁ ଶ୍ରଦ୍ଧାଞ୍ଜଳି



ମାହାଙ୍ଗା, ୨୫।୨(ସମିସ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ମୂଳବସନ୍ତ ଗ୍ରାମର ତଥା ହୋମିଓପ୍ୟାଥିକ ଚିକିତ୍ସକ କମଳାକାନ୍ତ କରଙ୍କ ଏକାଦଶାହଃ ତିଥି ଅବସରରେ ମୂଳବସନ୍ତ ପଞ୍ଚାୟତ ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ଡ. କାର୍ତ୍ତିକେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥିଭାବେ ଶିଶୁ କବି ଶଶିଭୂଷଣ ମିଶ୍ର, ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର କର, ଅଧ୍ୟାପକ ଅକ୍ଷୟ ଭଦ୍ର, ଶିକ୍ଷାବିତ୍ ରତ୍ନାକର ମହାନ୍ତି, ଅଲେଖ ଚନ୍ଦ୍ର ଦାସ, ସାମ୍ବାଦିକ ଅଖିଳେଶ ମହାନ୍ତି, ବିନୋଦ ବିହାରୀ ମିଶ୍ର, କବି ଉତ୍ତମ ଚରଣ ଜେନା, କୃଷ୍ଣଚନ୍ଦ୍ର ସାହୁ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବଳବନ୍ତରାୟ, ଶ୍ରୀକାନ୍ତ କର, ଶୁଭେନ୍ଦୁ କର, ସଂଗ୍ରାମ ସାମଲ, ଶୁଭେନ୍ଦୁ ସାମଲ ପ୍ରମୁଖ ଯୋଗଦେଇ ସ୍ୱର୍ଗତ କର ଏକାଧାରାରେ ଚିକିତ୍ସକ, ସାହିତ୍ୟିକ, ଆଧ୍ୟାତ୍ମିକବାଦୀ ବ୍ୟକ୍ତି ଭାବେ ବେଶ ପରିଚିତ ଥିଲେ ବୋଲି କହିବା ସହ ବହୁମୁଖି ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ସୌମେନ୍ଦ୍ର କର, ରତିକାନ୍ତ କର, ହରିହର ବିଶ୍ୱାଳ, ରଞ୍ଜନ ସାମଲ, ପ୍ରକାଶ ଚନ୍ଦ୍ର କର, ତନ୍ମୟ ଦାସ, ସଚ୍ଚିଦାନନ୍ଦ ଦାଶ, ପ୍ରଶାନ୍ତ କର, କେଶବ ରାଉତ, ରବୀନ୍ଦ୍ର ପଲେଇ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ବନପ୍ରସାଦ ଦାସ, ରବୀନ୍ଦ୍ର ସେଠୀ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଏସ୍‌ସିବି ପୁରୁଣା ବହିଃବିଭାଗ କୋଠା

# ମ୍ୟୁଜିୟମରେ ରୂପାନ୍ତରଣ ଯୋଜନା ଅଧପନ୍ତରିଆ

କଟକ, ୨୫।୨(ସମିସ)



ଯୋଜନା ଭିତରେ ଅଟକିଛି ଏସ୍‌ସିବି ମେଡ଼ିକାଲର ପୁରୁଣା ବର୍ହିବିଭାଗ କୋଠାର ନବୀକରଣ କାର୍ଯ୍ୟ। ଏହି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜାତୀୟ ମାନବାଧିକାର କମିଶନ(ଏନଏଚ୍‌ଆରସି)ଙ୍କ ଦିଲ୍ଲୀ ସ୍ଥିତ କାର୍ଯ୍ୟାଳୟରୁ ଗତବର୍ଷ ନିର୍ଦ୍ଦେଶ ଆସିଥିଲା। କମିଶନଙ୍କ କାର୍ଯ୍ୟାଳୟର ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଏ ସଂକ୍ରାନ୍ତରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

- ଅସୁରକ୍ଷିତ ଘୋଷଣାକୁ ୭ ବର୍ଷ ପୂରିଲାଣି
- କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଏନଏଚ୍‌ଆରସିରୁ ଆସିଥିଲା ନିର୍ଦ୍ଦେଶ

ଏହାପରେ ବିଭାଗ ପକ୍ଷରୁ ମୁଖ୍ୟ ଯନ୍ତ୍ରୀ(କୋଠା) ଏବଂ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ଚିଠି (ନଂ-୨୧୭୦୬) ଲେଖାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ନବୀକରଣ କାର୍ଯ୍ୟ ଅଗ୍ରଗତି କରି ପାରିନାହିଁ। ଏସ୍‌ସିବି ମେଡ଼ିକାଲର ଏହି ପୁରାତନ କୋଠାକୁ ମ୍ୟୁଜିୟମରେ ପରିଣତ କରିବା ନିମନ୍ତେ ଯୋଜନା ରହିଛି। ନବୀକରଣ କରାଯାଇ ମ୍ୟୁଜିୟମରେ ପରିଣତ କରିବା ପାଇଁ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ମଧ୍ୟ କରାଯାଇଛି।

୮୦ବର୍ଷରୁ ଅଧିକ ଏହି ପୁରୁଣା କୋଠା ବିପଦସଙ୍କୁଳ ଅବସ୍ଥାରେ ପଡ଼ିଛି। ଅଟ୍ଟାଳିକାର ଛାତରୁ ବାରମ୍ବାର ପାଣି ଗଳିବା ଯୋଗୁଁ ପୂର୍ବରୁ ମେଡ଼ିକାଲ କର୍ତ୍ତୃପକ୍ଷ ଚିନ୍ତାରେ ପଡ଼ିଥିଲେ। କୋଠାଟି ଭୁଷୁଡ଼ି ପଡ଼ିବ ଭାବି ପୂର୍ତ୍ତ ବିଭାଗକୁ ଡକାଯାଇଥିଲା। ପୂର୍ତ୍ତ ବିଭାଗ ଯାଞ୍ଚ କରି ଜିଲ୍ଲାପାଳଙ୍କୁ ଏକ ରିପୋର୍ଟ ଦେଇଥିଲା। ରିପୋର୍ଟ ଭିତ୍ତିରେ ଏହି ବିଲ୍ଡିଂକୁ ୨୦୧୬ ନଭେମ୍ବରରେ ଅସୁରକ୍ଷିତ ଘୋଷଣା କରାଯାଇଥିଲା। ପରେ ସ୍ୱାସ୍ଥ୍ୟ ବିଭାଗ ଏଠାରେ ଚାଲୁଥିବା ବିଭିନ୍ନ ବହି ର୍ବିଭାଗ ଚିକିତ୍ସାକୁ ସ୍ଥାନାନ୍ତରିତ କରିବା ସହ ବିଲ୍ଡିଂକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏକ ବିଶେଷଜ୍ଞ ଦଳ ମଧ୍ୟ କୋଠା ପରିଦର୍ଶନ କରିବାକୁ ଆସିଥିଲେ। କୋଠାର ନବୀକରଣ କରାଯିବା ଉଚିତ କି ନାହିଁ ତାହାର ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ଅବଗତ କରାଇଥିଲେ। କୋଠାକୁ ସ୍ମାରକୀ ଭାବେ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ଏବେ ଏହାକୁ ସାଲାଇନ ଗୋଦାମ ଘର ଭାବେ ବ୍ୟବହାର କରାଯାଉଛି। ଏହି କୋଠାରେ ୨୦ଟି ପ୍ରକୋଷ୍ଠ ରହିଛି। ଏହାକୁ ମ୍ୟୁଜିୟମରେ ପରିଣତ କରିବା ପାଇଁ ଯୋଜନା ଆଗେଇ ସାରିଥିବା କୁହାଯାଇଛି।

ପ୍ରକାଶ ଯୋଗ୍ୟ, ଉକ୍ତ କୋଠାରୁ ରାଜ୍ୟର ଏହି ବୃହତ୍ତ ହସ୍ପିଟାଲର ମୂଳଦୁଆ ପଡ଼ିଥିଲା। ପ୍ରାୟତଃ ୧୮୦୦ ମସିହାରେ ମରାଠା ଶାସନ କାଳରେ ଏହି ସ୍ଥାନରେ ଏକ ଡିସପେନସାରୀ ରହିଥିଲା। ପୁରୀ ରଥଯାତ୍ରା ଦେଖିବାକୁ ଆସୁଥିବା ବ୍ୟକ୍ତି ଆହତ ହେଲେ ଏଠାରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହେଉଥିଲେ। ୧୮୭୫ରେ ଓଡ଼ିଶା ମେଡ଼ିକାଲ ସ୍କୁଲରେ ଏହା ପରିଣତ ହୋଇଥିଲା। ୧୯୪୦ ମସିହାରେ ସୂରଭ୍ରାତା (ରାୟ ସାହେବ ଏନଏନ ସୂର ଓ ଧୀରେନ୍ଦ୍ରନାଥ ସୂର)ଙ୍କ ପ୍ରଚେଷ୍ଟାରେ ପୁରୁଣା ବର୍ହିବିଭାଗର କୋଠା ତିଆରି ହୋଇଥିଲା। ଲମ୍ବା ବିମ୍ ଓ ଲୁହା ଖଣ୍ଡ ଉପରେ କୋଠାଟି ଛିଡ଼ା ହୋଇଛି। ୧୯୪୪ରେ ଓଡ଼ିଶା ମେଡ଼ିକାଲ ସ୍କୁଲର ନାଁ ହୋଇଥିଲା ଓଡ଼ିଶା ମେଡ଼ିକାଲ କଲେଜ। ୧୯୫୧ରେ ଏହାକୁ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ନାମିତ କରାଯାଇଥିଲା। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କ ସ୍ମୃତି ବହନ କରୁଥିବା ଏହି ଅଟ୍ଟାଳିକା, ମେଡିକାଲ କଲେଜର ଐତିହ୍ୟର କଥା କୁହେ। ମୟୂରଭଞ୍ଜର ତତ୍କାଳୀନ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ କଟକରେ ମେଡିକାଲ କଲେଜ ପାଇଁ ଜମି ଦାନ କରିଥିବା ଜଣାପଡ଼େ। ପୁରୁଣା ବର୍ହିବିଭାଗରେ ପ୍ରଥମେ ମେଡିକାଲ ସ୍ଥାପନ ଓ ପରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଇଥିଲା। ପ୍ରାଥମିକ ଅବସ୍ଥାରେ ଏହି ଦୁଇ ମହଲା ବିଶିଷ୍ଟ ଅଟ୍ଟାଳିକାରେ ରୋଗୀ ସେବା ଆରମ୍ଭ ହୋଇଥିଲା। ପରେ ମେଡିକାଲ କଲେଜର ସମ୍ପ୍ରସାରଣ ହେବା ପରେ ଏଠାରେ କେବଳ ବହି ର୍ବିଭାଗ ଚାଲିଥିଲା। ତଳ ମହଲାରେ ସାଧାରଣ ବହି ର୍ବିଭାଗ ଓ ପ୍ରଥମ ମହଲାରେ ସୁପର ସ୍ପେଶାଲିଷ୍ଟ ବହି ର୍ବିଭାଗ କାର୍ଯ୍ୟ କରିଥିଲା। ଏହା ସହିତ ଏଠାରେ ରହିଥିଲା କର୍ଣ୍ଣ, ଗଳା, ନାସା ବିଭାଗ।

# ଦଶମୀ ନଦୀୟା ଦୋଳ ମେଳଣ ପ୍ରସ୍ତୁତି ସଭା



କଟକ, ୨୫।୨(ସମିସ): ଅଲିଶାବଜାର କୈବର୍ତ୍ତ୍ୟ ସାହିସ୍ଥିତ ଅନନ୍ତ ଗୋପାଳଜୀଉ ନଦୀୟା ସଂକୀର୍ତ୍ତନ ମଣ୍ଡଳୀର ନିମନ୍ତ୍ରଣ କ୍ରମେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ '୨୧ତମ ଦଶମୀ ନଦୀୟା ଦୋଳ ମେଳଣର-୨୦୨୪'କୁ ସଫଳ କରିବାପାଇଁ ଏକ ପ୍ରସ୍ତୁତି ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ମହାନଗର ନଦୀୟା ସଂକୀର୍ତ୍ତନ ମହାମଣ୍ଡଳର ସର୍ବମହନ୍ତ ଭିକାରୀ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ମହାମଣ୍ଡଳର ମୁଖ୍ୟ ପୃଷ୍ଠପୋଷକ ସମୀର ଦେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ପ୍ରଭୂ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଚଳିତ ବର୍ଷ ମାର୍ଚ୍ଚ ୧୯ ତାରିଖ ମଙ୍ଗଳବାର ପବିତ୍ର ଫଗୁ ଦଶମୀ ତିଥିରେ ଏହି ଜଗନ୍ନାଥ ମନ୍ଦିର ସମ୍ମୁଖରେ ମେଳଣ ମହୋତ୍ସବ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଉକ୍ତ ଦିନ ରାତ୍ର ୮ ଘଟିକା ସମୟରେ ଶେଖବଜାରସ୍ଥିତ ଲାଲାମଠରୁ ଦୋଳ ବିମାନ ସହ ଏକ ବିଶାଳ ସଂକୀର୍ତ୍ତନ ଶୋଭାଯାତ୍ରା ବିଭିନ୍ନ ଅଞ୍ଚଳ ପରିକ୍ରମା କରି ମେଳଣ ସ୍ଥଳରେ ପହଞ୍ଚିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଦୋଳ ବିମାନ ନଥିବା ସଂକୀର୍ତ୍ତନ ମଣ୍ଡଳୀମାନେ ସନ୍ଧ୍ୟାରୁ ମେଳଣ ସ୍ଥଳରେ ପହଞ୍ଚି ସଂକୀର୍ତ୍ତନ ପରିବେଷଣ କରି ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିବାକୁ ଅନୁରୋଧ କରାଯାଇଥିଲା। ଯେଉଁମାନେ ପ୍ରକାଶିତ ହେବାକୁ ଥିବା ସ୍ମରଣିକା 'ସଂକୀର୍ତ୍ତନ'ର ପ୍ରକାଶ ନିମନ୍ତେ ମହନ୍ତ, ଅଧିକାରୀ ଓ କଟୁଆଳଙ୍କ ଫଟୋ ସହ ନାମ ଓ ଟେଲିଫୋନ ନମ୍ବର ଦେଇ ନ ଥିବେ ସେମାନେ ୨୯ ତାରିଖ ମଧ୍ୟରେ ସର୍ବକଟୁଆଳଙ୍କ ନିକଟରେ ଦାଖଲ କରିବାକୁ ନିବେଦନ କରାଯାଇଥିଲା। ସଭାରେ ଅଲିଶାବଜାର ପୂଜା କମିଟିର ଉପଦେଷ୍ଟା ଡଃ ରବିରଞ୍ଜନ ସାହୁ, ସଭାପତି ଅଜିତ ଦାସ ସମ୍ପାଦକ ଲକ୍ଷ୍ମୀକାନ୍ତ ସାହୁ, ନଦୀୟା ମହାମଣ୍ଡଳର ସର୍ବାଧିକାରୀ ଜଗଜ୍ଜୀବନ ପ୍ରସାଦ, ସର୍ବକଟୁଆଳ କୃଷ୍ଣଚନ୍ଦ୍ର ସାହୁ, ପଦାଧିକାରୀ ହେମନ୍ତ ବେହେରା, ବିଭୁତିଭୂଷଣ ମହାପାତ୍ର, କେଦାର ବେହେରା, ରଘୁନାଥପ୍ରସାଦ ଭଗତ, ଦିଲ୍ଲୀପ ଦଳେଇ, ସୁଦୀପ୍ତକୁମାର ସ୍ୱାଇଁ, କରୁଣାକର ବେହେରା, ଅନିରୁଦ୍ଧ ସେନାପତି, ସନ୍ତୋଷ ସାହୁ, ବୀରେନ୍ଦ୍ର ସାମଲ, ଗୋପାଳ ମହାରଣା, ଦେବେନ୍ଦ୍ର ବେହେରା, ମହେଶ୍ୱର ବେହେରା, ରାକେଶ ବେହେରା, ସୁବ୍ରତ ଦତ୍ତ, ସୁବଳ ସାମଲ, ଦୀପ୍ତିରଞ୍ଜନ ପଣ୍ଡା, ସତ୍ୟଜିତ ସେଠୀ, ଶ୍ରୀଧର ରାଉତ, କୃଷ୍ଣଚନ୍ଦ୍ର ବେହେରା ଓ ଦେବାଶିଷ ସେଠି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ଅଧିକାରୀ ମଦନମୋହନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କଟକ ସହର କୋଣଅନୁକୋଣରୁ ପ୍ରାୟ ୩୦ ଗୋଟି ସଂକୀର୍ତ୍ତନ ମଣ୍ଡଳୀର ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ବରିଷ୍ଠ ନେତାଙ୍କ ପରଲୋକ



କଟକ, ୨୫।୨(ସମିସ): ବିଜେଡିର ବରିଷ୍ଠ ନେତା ଦୀପାଂଶୁ କୁଣ୍ଡୁଙ୍କ ହୃଦ୍‌ଘାତରେ ବାଙ୍ଗଲୋର ଠାରେ ପରଲୋକ ଘଟିଛି। ସେ ନାନୋ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ବରଣ କରିଛନ୍ତି। ମୃତ୍ୟୁ ବେଳେକୁ ତାଙ୍କୁ ୬୦ ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଧର୍ମପତ୍ନୀ ଚନ୍ଦନ କୁଣ୍ଡୁ, ଝିଅ ଦେବବ୍ରତା କୁଣ୍ଡୁ, ଜ୍ୱାଇଁ ଶିତେଶ ପଣ୍ଡା, ଡାକ୍ତର ଖାନରେ ଉପସ୍ଥିତ ଥିଲେ। ଦୀର୍ଘ ୫ ବର୍ଷ ଧରି ହୃଦ୍‌ଘାତଜନିତ ରୋଗରେ ପୀଡିତ ଥିଲେ। ଝିଅ ପାଖରେ ବାଙ୍ଗଲୋରରେ ରହି ଚିକିତ୍ସିତ ହେଉଥିଲେ। ତାଙ୍କର ମୃତ୍ୟୁ ପରେ ମର ଶରୀରକୁ ବାଙ୍ଗାଲୋରର ସରକାରୀ ଡାକ୍ତରଖାନା ସେଣ୍ଟଜନ୍ସ ହସ୍ପିଟାଲକୁ ପ୍ରଦାନ କରାଯାଇଛି। ସେ ଛାତ୍ର ଆନ୍ଦୋଳନରୁ ୧୯୮୦ ଦଶକରୁ ବହୁ ଆନ୍ଦୋଳନ ଓ କାରାବରଣ କରିଥିଲେ। ଏଫଏସଆଇ ଜିଲ୍ଲା ନେତୃତ୍ୱ ନେଇ ରେଭେନ୍ସା କଲେଜର ପ୍ରତ୍ୟକଟି ଆନ୍ଦୋଳନରେ ସାମିଲ ଥିଲେ। ୨୦୧୩ ମସିହାରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ବିଜୁ ଜନତା ଦଳ ରେ ମିଶି ୧୦ ବର୍ଷ କାର୍ଯ୍ୟ କରି ଆସୁଥିଲେ। ରାଜ୍ୟ ଛାତ୍ର ଆନ୍ଦୋଳନରେ ୧୯୮୦ ଓ ୧୯୮୪ ମସିହାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ତାଙ୍କର ବିୟୋଗରେ ମେୟର ସୁବାସ ସିଂ, ପୂର୍ବତନ ବିଧାୟକ ଶ୍ରୀ ପ୍ରଭାତ ରଞ୍ଜନ ବିଶ୍ୱାଳ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଶିଳ୍ପୀ ଅସୀମ ଅଖଣ୍ଡଙ୍କ ଜୟନ୍ତୀ




କଟକ, ୨୫।୨(ସମିସ): ଗାନ୍ଧୀ ଭବନରେ ଶିଳ୍ପୀ ଅସୀମ ଅଖଣ୍ଡଙ୍କର ୯୯ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଭାସ୍କର୍ଯ୍ୟ ଶିଳ୍ପୀ ରବିନାରାୟଣ ରଥ ଅଧ୍ୟକ୍ଷତା କରିଥିଲେ। କ୍ରିଏଟିଭ୍ ଆର୍ଟିଷ୍ଟ ଗ୍ରୁପ୍‌ର ୧୫ଜଣ ଶିଳ୍ପୀଙ୍କୁ ନେଇ ଆୟୋଜିତ ହୋଇଥିବା କର୍ମଶାଳାକୁ ଚିତ୍ରଶିଳ୍ପୀ ପ୍ରଫୁଲ୍ଲ ମହାନ୍ତି ଉଦ୍‌ଘାଟନ କରିଥିଲେ। ସିଏମ୍‌ସି ଡେପୁଟୀ କମିଶନର ଅଜୟ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସନ୍ଧ୍ୟା ଅଧିବେଶନକୁ ଆରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଡଃ ସତ୍ୟନାରାୟଣ ପଣ୍ଡା ଯୋଗ ଦେଇ ଅସମୀ ଅଖଣ୍ଡଙ୍କ ବ୍ୟକ୍ତିତ୍ୱ ଓ ଶିଳ୍ପୀ ଜୀବନ ଉପରେ ଆଲୋକପାତ କରିଥିଲେ। ଏଥିରେ ଆଞ୍ଚଳିକ ଲଳିତକଳା ଏକାଡେମୀର ସଚିବ ରାମକୃଷ୍ଣ ଭେଦାଲା ପ୍ରଦର୍ଶନୀ ବୁଲି ଦେଖିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରଣବ ଅଖଣ୍ଡ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଶିଳ୍ପୀ ଶଶିକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ।

# ଅପର୍ତ୍ତି ମଲ୍ଲିକଙ୍କୁ ଶ୍ରଦ୍ଧାଞ୍ଜଳି

ବାଙ୍କୀ, ୨୫।୨(ସମିସ): ଡମପଡ଼ା ବ୍ଲକ ଗୋପାଳପୁର ଗ୍ରାମପଞ୍ଚାୟତର ସାନ ମଲ୍ଲିକ ସାହିର ବରିଷ୍ଠ ବିଜେପି ନେତା ଅପର୍ତ୍ତି ମଲ୍ଲିକଙ୍କର ଏକାଦଶାହରେ ଆଜି ବରିଷ୍ଠ ବିଜେପି ନେତା ତଥା କଟକ ବିଜେପି ଜିଲ୍ଲା ପରିଷଦ ସଭ୍ୟ ତୁଷାରକାନ୍ତ ଚକ୍ରବର୍ତ୍ତୀ ତାଙ୍କ ବାସଭବନକୁ ଯାଇ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଡମପଡ଼ା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ସରୋଜ କୁମାର ମତଗଜ ସିଂହଙ୍କ ସମେତ ବହୁ ବରିଷ୍ଠ ବିଜେପି ନେତା ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଇସ୍‌କଫ୍ ରାଜ୍ୟ ପରିଷଦ ବୈଠକ




କଟକ, ୨୫।୨(ସମିସ): ଇସ୍‌କଫ୍‌ର ରାଜ୍ୟ ପରିଷଦ ବୈଠକ ବାରବାଟୀ ଷ୍ଟାଡିୟମସ୍ଥିତ ଅନୁଷ୍ଠାନର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷକ ନେତା ବିବେକାନନ୍ଦ ଦାଶ, ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି ଓ ଇସ୍‌କଫ୍‌ର ସର୍ବଭାରତୀୟ ସମ୍ପାଦକ ବିଜୟ କୁମାର ପଡ଼ିହାରୀ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଗୋକୁଳଚନ୍ଦ୍ର ପଣ୍ଡା, ବିଜୟ କୁମାର ମହାନ୍ତି, ବିଷ୍ଣୁଚରଣ ମହାନ୍ତି, ଭିକାରୀଚରଣ ଦାସ, ହରିଶ ମହାନ୍ତି, ଶକ୍ତିଧର ଦାସ, ହର ପ୍ରସାଦ, କାଶୀନାଥ ସ୍ୱାଇଁ, ଅଗସ୍ତି କାନୁନଗୋ, ସୁଶାନ୍ତ ମହାପାତ୍ର, ଅମରେନ୍ଦୁ ମହାନ୍ତି, ବିଦ୍ୟାପ୍ରସନ୍ନ ମହାପାତ୍ର, ଭ୍ରମରବର ସାହୁ, ସୁବାସ ବୋଷ ଓ ବିପିନବିହାରୀ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସମ୍ପାଦକ ସଞ୍ଜୟ ପରିଡା ଧନ୍ୟବାଦ ଦେଇଥିଲେ।

## ପୁଲିସ ୱେବ୍‌ସାଇଟ୍‌ରେ ଲାଗିରହିଛି ତ୍ରୁଟି

# ହେଉନି ଏତଲା ପଞ୍ଜୀକରଣ; ଆସୁନି ଓଟିପି

କଟକ, ୨୫।୨(ସମିସ)

କମିଶନରେଟ ପୁଲିସ ବ୍ୟବସ୍ଥାରେ ଘରେ ବସି ଅନ୍‌ଲାଇନ ମାଧ୍ୟମରେ ଏତଲା ଦେବାର ସୁବିଧା କରାଯାଇଛି। ଥାନାକୁ ନଆସି କିଭଳି ଜଣେ ଅଭିଯୋଗକାରୀ ନିଜ ଏତଲାକୁ ପଞ୍ଜିକୃତ କରିପାରିବେ ତାହା ନିର୍ଦ୍ଦିଷ୍ଟ ୱେବସାଇଟରେ ଉଲ୍ଲେଖ ରହିଛି। ହେଲେ ଗତ ୮ ମାସ ହେବ ପୁଲିସ ୱେବସାଇଟରେ ସମସ୍ୟା ଲାଗି ରହିଛି। ଅନେକ ସମୟରେ ଅଭିଯୋଗ ଦାଖଲ ନିମନ୍ତେ ଉକ୍ତ ୱେବସାଇଟରୁ ଓଟିପି ଆସୁନି। ଏହାଦ୍ୱାରା ଅଭିଯୋଗ ପଞ୍ଜିକୃତ ନିମନ୍ତେ ଆବଶ୍ୟକ ଡକ୍ୟୁମେଣ୍ଟ, ଆଧାର କାର୍ଡ, ପ୍ୟାନ କାର୍ଡ ଭଳି ପ୍ରମାଣପତ୍ର ଉକ୍ତ ୱେବ୍‌ସାଇଟରେ ଦାଖଲ ହୋଇପାରୁନାହିଁ। ଫଳରେ ଏତଲା ପଞ୍ଜିକୃତ ହୋଇନପାରିବାରୁ ପୁଣି ଥାନାକୁ ଦୌଡିବାକୁ ପଡୁଛି ବୋଲି ଅଭିଯୋଗ ଉଠିଛି। ଏ ସମ୍ପର୍କରେ କମିଶନରେଟ୍ ପୁଲିସର ଜଣେ ବରିଷ୍ଠ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ୱେବସାଇଟ୍ ଚଳାଉଥିବା ସମ୍ପୃକ୍ତ ସଂସ୍ଥାକୁ ଏ ସମ୍ପର୍କରେ ଅଭିଯୋଗ କରାଯାଇଛି। ସବୁ ସମୟରେ ଏହି ସମସ୍ୟା ନଥାଏ। ବେଳେବେଳେ ସର୍ଭରରେ ବିଭ୍ରାଟ୍ ଘଟିଲେ, ଏତଲା ପଞ୍ଜିକୃତ ହୋଇ ପାରିନଥାଏ। ଯେହେତୁ ସାଧାରଣ ଲୋକମାନେ ଏନେଇ ସମସ୍ୟାରେ ପଡୁଛନ୍ତି, ତେଣୁ ଖୁବଶୀଘ୍ର ୱେବସାଇଟ୍‌ରେ ଥିବା ତ୍ରୁଟିକୁ ଠିକ୍ କରିଦିଆଯିବ ବୋଲି ସେ କହିଛନ୍ତି।




ବିଭିନ୍ନ କାରଣରୁ ସାଧାରଣ ଅଭିଯୋଗକାରୀମାନେ ଥାନାକୁ ଆସିବାକୁ ନାପସନ୍ଦ କରିଥାନ୍ତି। ପ୍ରଥମତଃ ଲୋକଲଜ୍ଜା ଓ ଦ୍ୱିତୀୟତଃ ଅଭିଯୋଗକାରୀଙ୍କୁ ଅଭିଯୁକ୍ତର ଭୟ ରହିଥାଏ। ସେହିପରି ଘରେ କିଛି ଘଟିଲେ ଦୂର ସ୍ଥାନରେ ରହୁଥିଲେ ଥାନା ଆସିବାକୁ ସମ୍ଭବ ହୋଇନଥାଏ। ଏଭଳି ସମସ୍ୟାର ସମାଧାନ ନିମନ୍ତେ ୨୦୧୫ ଅକ୍ଟୋବରରେ ଇ-ଏଫ୍‌ଆଇଆର ବ୍ୟବସ୍ଥା ଆରମ୍ଭ ହୋଇଥିଲା। ସେ ସମୟରେ କଟକ କମିଶନରେଟ୍ ପୁଲିସ ସମେତ ରାଜ୍ୟର ସମସ୍ତ ୫୩୧ ଥାନାରେ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇଥିଲା। ସିସିଟିଏନ୍‌ଏସ୍ ମାଧ୍ୟମରେ 'ସିଟିଜେନ୍ ପୋର୍ଟାଲ'ରେ ଏହା ପଞ୍ଜିକୃତ ହୋଇଥାଏ। ଅନ୍‌ଲାଇନ୍‌ରେ ଏତଲା ଦେବା ନିମନ୍ତେ ପ୍ରଥମେ ଉକ୍ତ ୱେବସାଇଟ ପେଜଟିକୁ ଖୋଲିବାକୁ ପଡ଼ିଥାଏ। ପରେ ପର୍ଯ୍ୟାୟକ୍ରମେ ଏତଲା ଦାଖଲ କରିବା ନିମନ୍ତେ ଉପଲବ୍ଧ ହେଉଥିବା ନିର୍ଦ୍ଦେଶାବଳୀକୁ ଅନୁସରଣ କରାଯାଇଥାଏ। ତୃତୀୟ ପର୍ଯ୍ୟାୟରେ ଅଭିଯୋଗ ବଟନ୍‌ରେ କ୍ଲିକ୍ କରି କେଉଁ ଧରଣର ଅଭିଯୋଗ କରିବାକୁ ଅଭିଯୋଗକାରୀ ଚାହୁଁଛନ୍ତି ତାହା ଲେଖିବାକୁ ହୋଇଥାଏ। ଏହାପରେ ନାମ, ମୋବାଇଲ, ନମ୍ବର, ଇମେଲ୍ ଆଇଡି, ଜେଣ୍ଡର, ଜନ୍ମ ତାରିଖ, ଥାନାର ନାମ ଦାଖଲ କରି ଆଇଡିକୁ ଲଗ୍‌ଇନ୍ କରିବାକୁ ହୁଏ। ୱେବ୍‌ସାଇଟରେ ଅଭିଯୋଗକାରୀଙ୍କୁ ଏକ ଆଇଡି ତିଆରି କରିବାକୁ ପଡ଼ିଥାଏ। ଏଥିରେ ଏକ ପାସୱାର୍ଡ ମଧ୍ୟ ଦେବାକୁ ହୁଏ। ଅଭିଯୋଗ ସମ୍ପର୍କିତ ସମସ୍ତ ତଥ୍ୟ ଦାଖଲ କରିବା ପରେ ଅଭିଯୋଗକାରୀଙ୍କ ପାଖକୁ ଏକ ଓଟିପି ଆସିଥାଏ। ଏହି ଓଟିପି ପାଇବା ପରେ ଅଭିଯୋଗକାରୀଙ୍କ ଏତଲା ଥାନାରେ ରିସିଭଡ ବା ପଞ୍ଜିକୃତ ହୋଇଥିବା ନିଶ୍ଚିତ ହୋଇଥାଏ। ହେଲେ ୮ ମାସ ହେବ ହେବ ପୁଲିସର ଉକ୍ତ ୱେବସାଇଟରେ ତ୍ରୁଟି ପରିଲକ୍ଷିତ ହେଉଛି। ଏତଲା ପଞ୍ଜିକରଣ ପାଇଁ ଜରୁରୀ ଥିବା ଓଟିପି ଅଭିଯୋଗକାରୀଙ୍କ ହସ୍ତଗତ ହେଉନାହିଁ। ଫଳରେ ଅଭିଯୋଗକାରୀ ଥାନାକୁ ଯାଇ ଲିଖିତ ଭାବେ ଏତଲା ଦେବାକୁ ପଡୁଛି। ନିକଟରେ ମର୍କତନଗର ଅଞ୍ଚଳରେ ଜଣେ ଯୁବକଙ୍କ ମୋବାଇଲ ହଜିଯାଇଥିଲା। କାର୍ଯ୍ୟବ୍ୟସ୍ତତା ଯୋଗୁଁ ସେ ଥାନାକୁ ଯାଇନପାରି ଇ-ଏଫ୍‌ଆଇଆର ଦେବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ଅନଲାଇନରେ ତାଙ୍କର ଏତଲା ପଞ୍ଜିକୃତ ହୋଇପାରିନଥିଲା। ପୂର୍ବର କିଛି ଘଟଣାରେ ଏତଲା ପଞ୍ଜିକୃତ ହୋଇଥିଲେ ମଧ୍ୟ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି। ଅନ୍ୟପଟେ କମିଶନରେଟ ପୁଲିସ ଅଞ୍ଚଳରେ ଯଦି ସର୍ଭର-ସ୍ଲୋ ରୁହେ ତାହେଲେ ଏତଲା ପଞ୍ଜିକୃତ ହୋଇପାରିବନାହିଁ ବୋଲି ଜଣାପଡ଼ିଛି।



## ନିଖୋଜ ବ୍ୟକ୍ତିଙ୍କ ଗଳିତ ଶବ ଉଦ୍ଧାର

ତିଗିରିଆ, ୨୫।୨(ସମିସ): ତିଗିରିଆ ଥାନା ଅନ୍ତର୍ଗତ ପୁରୁଣା ତିଗିରିଆ ବାଉଁଶିଆ ପୋଖରୀରୁ ଆଜି ସକାଳେ ତିଗିରିଆ ପୁଲିସ ଏକ ଗଳିତ ଶବ ଉଦ୍ଧାର କରିଛି। ଉଦ୍ଧାର ହୋଇଥିବା ବ୍ୟକ୍ତିଙ୍କ ନାମ ଲକ୍ଷ୍ମୀଧର ବେହେରା ଓ ତାଙ୍କ ଘର ପୁରୁଣା ତିଗିରିଆ କୋଠଘର ସାହିରେ ହୋଇଥିବା ବେଳେ ସେ ଗତକାଲି ବିଳମ୍ବିତ ରାତ୍ରିରୁ ନିଖୋଜ ଥିବାର କିଛି ଗ୍ରାମବାସୀ ପ୍ରକାଶ କରିଛନ୍ତି। ସୂଚନା ମୁତାବକ ଗତକାଲି ରାତିରେ ମୃତ ଲକ୍ଷ୍ମୀଧର ଗ୍ରାମର ଶେଷରେ ଥିବା ବାଉଁଶିଆ ପୋଖରୀକୁ ଯାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲା। ପରିବାର ପକ୍ଷରୁ ଗତକାଲି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଏଣେତେଣେ ଖୋଜାଖୋଜି କରି ନିରାଶ ହୋଇ ରହିଥିବା ବେଳେ ଆଜି ଦିନ ପ୍ରାୟ ୧୦ଟା ସମୟରେ ଲକ୍ଷ୍ମୀଧରଙ୍କର ମୃତଦେହ ବାଉଁଶିଆ ପୋଖରୀରେ ଭାସୁଥିବାର ଦେଖିବାକୁ ମିଳିବା ପରେ ଗ୍ରାମବାସୀମାନେ ତିଗିରିଆ ଥାନାକୁ ଜଣାଇଥିଲେ। ଖବର ପାଇ ତିଗିରିଆ ଥାନା କର୍ମଚାରୀ ଓ ତିଗିରିଆ ଦମକଳ ବାହିନୀ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଲକ୍ଷ୍ମୀଧରଙ୍କର ଗଳିତ ଶବକୁ ଉଦ୍ଧାର କରିଥିଲେ। ପୁଲିସ ପକ୍ଷରୁ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ଛାନ୍‌ବିନ୍ ଆରମ୍ଭ କରାଯାଇଛି।

## ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

ଆଠଗଡ଼, ୨୫।୨(ସମିସ): ଗତକାଲି ବିଳମ୍ବିତ ରାତିରେ ଆଠଗଡ଼ ଥାନା କଇଁଥ ଛକ ଏକ ହୋଟେଲ ସମ୍ମୁଖରେ ଦୁର୍ଘଟଣାରେ ଜଣେ ଅଚିହ୍ନା ମହିଳା ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ କିଛି ସ୍ୱେଚ୍ଛାସେବୀଙ୍କ ସହାୟତାରେ ତାଙ୍କୁ ଆଠଗଡ଼ ଡାକ୍ତରଖାନାକୁ ନିଆଯାଇ ଚିକିତ୍ସା କରାଯାଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ଆନୁମାନିକ ବୟସ ୪୫ ବର୍ଷ ହେବ। ସମ୍ପୃକ୍ତ ମହିଳାଙ୍କ ପରିଚୟ ମିଳି ନ ଥିବାରୁ ଶବ ବ୍ୟବଚ୍ଛେଦ ନ ହୋଇ ଡାକ୍ତରଖାନାରେ ସଂରକ୍ଷିତ ରଖାଯାଇଛି। ଆଠଗଡ଼ ପୁଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ କରୁଛି।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ



ବାରଙ୍ଗ, ୨୫।୨(ସମିସ): ବାରଙ୍ଗ ଥାନା ଅନ୍ତର୍ଗତ ମଧୁବନ ଗ୍ରାମର ପବିତ୍ର ପ୍ରଧାନଙ୍କୁ ରବିବାର ଗ୍ରାମର କିଛି ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଛନ୍ତି। ଖବରରୁ ପ୍ରକାଶ ଯେ, ମଧୁପୁର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ସୁମିନା ପ୍ରଧାନଙ୍କ ସ୍ୱାମୀ ପବିତ୍ର ପ୍ରଧାନ ନିଜ ଗ୍ରାମ ମଧୁବନ ଗ୍ରାମର ଭାଗବତ କୋଠଘର ନିକଟରେ ଛିଡା ହୋଇଥିବାବେଳେ ଗ୍ରାମର ଦୁଇ ତିନି ଜଣ ଯୁବକ ଆସି ମାରଣାସ୍ତ୍ର ସାହାଯ୍ୟରେ ପବିତ୍ରଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ପବିତ୍ର ପ୍ରଧାନଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଥିଲା। ପରେ ପବିତ୍ରଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ଏ ସଂକ୍ରାନ୍ତରେ ପବିତ୍ରଙ୍କ ପରିବାର ଲୋକେ ବାରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ କିଛି ପୁଲିସ କର୍ମଚାରୀଙ୍କୁ ଘଟଣାସ୍ଥଳରେ ମୁତୟନ କରିଛନ୍ତି।

## ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଓ ମାତୃ ସମ୍ମିଳନୀ



ନିଶ୍ଚିନ୍ତକୋଇଲି, ୨୫।୨(ସମିସ): ନତକାଇ ବାଣୀନଗର ଠାରେ ଥିବା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୮ତମ ବାର୍ଷିକ ଉତ୍ସବ ଶ୍ରୀମାଙ୍କ ୧୪୬ତମ ଜୟନ୍ତୀ ଓ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ର ପରିଚାଳନା କମିଟିର ସଦସ୍ୟ ଶ୍ୟାମସୁନ୍ଦର ଲେଙ୍କାଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ଓଥକା କାନାରା ବ୍ୟାଙ୍କର ଶାଖା ପରିଚାଳକ ଶୁଭକାନ୍ତ ଦାସ, ମୁଖ୍ୟବକ୍ତା ଭାବେ ପିପି କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଏକାଦଶୀ ସେନାପତି, ସମ୍ମାନୀତ ଅତିଥି ଭାବେ ଲୋକଭାଷା ପ୍ରଚାର ସମିତି କଟକ ଜିଲ୍ଲା ଉପାଧ୍ୟକ୍ଷ ଅଧ୍ୟାପକ କ୍ଷୀତିଶ ଭୂୟାଁ ପ୍ରମୁଖ ଯୋଗଦେଇଥିଲେ। ଏହି ସଭାରେ ମାତୃସେବିକା ଅଞ୍ଜନା ପ୍ରଧାନ, ସାହିତ୍ୟିକ ଶରତଚନ୍ଦ୍ର ରଥ, ଡାକ୍ତର ଜାପାନୀ ମହାପାତ୍ର ଯୋଗେଦେଇ ଶିକ୍ଷା ଆରମ୍ଭରେ ମାଆମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ଚନ୍ଦ୍ରଭାନୁ ଭୂୟାଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ କଲ୍ୟାଣୀ ବଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଚଳିତ ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ର ରାହୁଲ ଦାସ, ଛାତ୍ରୀ ସୁଚିସ୍ମିତା ରାଉତ, ଚାମ୍ପିଅନ ଆଖ୍ୟା ଅର୍ଜନ କରି ସ୍ୱତନ୍ତ୍ର ପୁରସ୍କାର ପାଇଥିଲେ। କମିଟିର ସଭାପତି ଅଜୟ କୁମାର ସ୍ୱାଇଁଙ୍କ ସଂଯୋଜନାରେ ଶିକ୍ଷକ ସୁସଜିତ ରାଉତ, ସହିଦ ଅଖତର, ଅଞ୍ଜନ ପଣ୍ଡା, ନିରୂପମା ରାଉତ, ରଶ୍ମିରେଖା ସାଥୁଆ, ମୋହିନୀ ବେହେରା, ବର୍ଷା ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ଜଗବନ୍ଧୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନା ସମ୍ପର୍କିତ ଆଲୋଚନା

# ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଉପକରଣ ବଣ୍ଟନ

ବଡ଼ମ୍ବା, ୨୫।୨(ସମିସ)




ଆଜି କଙ୍କଡାଯୋଡ଼ି ଠାରେ ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନା ସମ୍ପର୍କରେ ବୁଣାକାରଙ୍କ ସହ ମତ ବିନିମୟ ହୋଇଥିଲା ଏବଂ ହସ୍ତତନ୍ତ ଉପକରଣ ଓ ଅନ୍ୟାନ୍ୟ ସାମଗ୍ରୀ ତଥା ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ଏହା ସହିତ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ସହାୟତା ଯୋଜନା ସମ୍ପର୍କରେ ବୁଣାକାର ମାନଙ୍କୁ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ସାଂସଦଙ୍କ ପ୍ରତିନିଧି ସଦାନନ୍ଦ ସ୍ୱାଇଁ, ଜିଲ୍ଲା ପରିଷଦଙ୍କ ପ୍ରତିନିଧି ମଙ୍ଗୁଳି ସାହୁ, ଉପାଧ୍ୟକ୍ଷଙ୍କ ପ୍ରତିନିଧି ସୁଶାନ୍ତ ଜେନା ବକ୍ତବ୍ୟ ରଖିଥିଲେ। ଶ୍ରୀ ମିଶ୍ର କିଭଳି ନବୀନ ସରକାର ସମୟରେ ୩ଟି ବୟନ ଶିଳ୍ପ ପୁଞ୍ଜି ମାଣିଆବନ୍ଧ, ଅଭିମାନପୁର ଓ ନରସିଂହପୁରରେ ବୁଣାକାର ମାନେ କିଭଳି ଉପକୃତ ହେଉଛନ୍ତି ଏବଂ ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନା ଅନ୍ତର୍ଭୁକ୍ତରେ ଗତ ୨ ବର୍ଷରେ ୬କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ସହାୟତା ଦିଆଯାଇଛି ତାହା ଉଲ୍ଲେଖ କରିଥିଲେ। ବିଭାଗୀୟ ଅଧିକାରୀ ଦାମୋଦର ବେହେରା କେବଳ କଙ୍କଡାଯୋଡ଼ିରେ ବୁଣାକାରଙ୍କୁ ବିଗତ ଦୁଇ ବର୍ଷ ଭିତରେ ୭୮ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ଦିଆଯାଇଛି ତାହା କହିବା ସହିତ ଇନଭର୍ଟର, ତନ୍ତ ଉପକରଣ, ଘର, ଏବଂ ସୂତା ବୁଲାଣୀ ମେସିନ ଓ ଅନ୍ୟାନ୍ୟ ସାମଗ୍ରୀକୁ କିଭଳି ସଠିକ ଉପଯୋଗ କରାଯିବ ତାହା ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟଭାମା ସାହୁ, ସୁବାସ ଦେବନାଥ, ଲକ୍ଷ୍ମୀଧର ଦଳବେହେରା, କେଶବ ପ୍ରଧାନ, ସେରିଫେଡ ନିର୍ଦ୍ଦେଶକ ରମେଶ କୁଣ୍ଡୁ ପ୍ରମୁଖ ଶୁଭେଚ୍ଛା ଦେଇଥିଲେ। ଏହି ଆଲୋଚନା ଚକ୍ରରେ କଙ୍କଡା ଯୋଡ଼ି ପ୍ରାଥମିକ ସେବା ସମିତିର ସଭାପତି ସାରଙ୍ଗ ପ୍ରଧାନ, ସମାଜସେବୀ ରବି ସାହୁ, ଅଶୋକ ବେହେରା, ନର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ୧୭୨ ଜଣଙ୍କୁ ଇନଭର୍ଟର, ୩୦ ଜଣଙ୍କୁ ତନ୍ତ ଉପକରଣ, ୮ ଜଣଙ୍କୁ ସୂତା ବୁଲାଣୀ ମେସିନ୍ ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ସହାୟତା ଯୋଜନାରେ ୧୩୬ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଭତ୍ତା ବୃଦ୍ଧି ପରିପ୍ରେକ୍ଷୀରେ ୫୦୦ ଟଙ୍କାରୁ ୨୦୦୦ ଟଙ୍କା ବୁଣାକାରଙ୍କୁ ଯଥାଶୀଘ୍ର ପ୍ରଦାନ କରିବା ପାଇଁ ବିଧାୟକ ବୟନ ଶିଳ୍ପ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମହିଳା ନେତ୍ରୀ ସମାଜସେବୀ କବିତା ରଣା, କବିତା ପ୍ରଧାନ, କଲ୍ୟାଣୀ ସାହୁ, ରଞ୍ଜିତା ରାଜ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ନରସିଂହପୁରର ବୁଣାକାରଙ୍କ ଉନ୍ନତିରେ ହସ୍ତତନ୍ତ ବୁଣାକାର ମାନଙ୍କ କୁଶଳତାର ଅଭିବୃଦ୍ଧି ସହିତ କଙ୍କଡା ଯୋଡ଼ି ଏବଂ ବଡ଼ମ୍ବା ପୂର୍ବାଞ୍ଚଳ ସ୍ଥାପିତ ଦୁଇ ହସ୍ତତନ୍ତ ପୁଞ୍ଜି ଅଧିନସ୍ଥ ବୁଣାକାରମାନେ ପ୍ରୟାସ ଜାରି ରଖିବାକୁ ବିଧାୟକ ଆହ୍ୱାନ ଦେଇଥିଲେ। ଏହି ଆଲୋଚନାଚକ୍ରରେ କଙ୍କଡାଯୋଡ଼ି ପଞ୍ଚାୟତର ୭ଶହରୁ ଉର୍ଦ୍ଧ୍ୱ ବୁଣାକାର ଉପସ୍ଥିତ ଥିଲେ।

## ଏନ୍‌ଏସି ଘୋଷଣା ପାଇଁ ବିଧାୟକଙ୍କୁ ସମ୍ବର୍ଦ୍ଧନା



ବଡ଼ମ୍ବା, ୨୫।୨(ସମିସ)

ବଡ଼ମ୍ବା ନିଜିଗଡ଼ ବିଜ୍ଞାପିତ ଅଞ୍ଚଳ ଘୋଷଣା ହେବା ପରେ ବଡ଼ମ୍ବାର ବିଭିନ୍ନ ଅନୁଷ୍ଠାନ ତରଫରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରବିବାର ନିଜିଗଡ଼ ବୈକୁଣ୍ଠ ସ୍ମୃତି ସଦନ ପରିସରରେ ବଡ଼ମ୍ବା ଜନସାଧାରଣଙ୍କ ତରଫରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯଇଥିଲା ଯେଉଁଥିରେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଗତକାଲି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା ହୋଇଥିବା ୩୪ଟି ବିଜ୍ଞାପିତ ଅଞ୍ଚଳ ମଧ୍ୟରୁ ବଡ଼ମ୍ବା ଅନ୍ୟତମ ହୋଇଥିବାରୁ ବଡ଼ମ୍ବା ନାଗରିକ ମଞ୍ଚ, ସାହିତ୍ୟ ଅନୁଷ୍ଠାନ, ନାଟ୍ୟ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ଲକ ବିଜେଡି କର୍ମକର୍ତ୍ତା ଓ ସମବାୟ ସଂସ୍ଥା ବ୍ୟବସାୟ ପ୍ରତିଷ୍ଠାନ ତରଫରୁ ବିଧାୟକ ଶ୍ରୀ ମିଶ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବଡ଼ମ୍ବାର ସମ୍ପ୍ରସାରଣ ଓ ସୌନ୍ଦର୍ଯ୍ୟକରଣ ହେବାପାଇଁ ସମସ୍ତ ବ୍ୟବସ୍ଥା ତୁରନ୍ତ କରାଯିବା ସହ ବଡ଼ମ୍ବା ବହୁ ପ୍ରତୀକ୍ଷିତ ବସଷ୍ଟାଣ୍ଡ ପାଇଁ ମଧ୍ୟ ୧୬ କୋଟି ଟଙ୍କାର ବ୍ୟୟବରାଦ ହୋଇଥିବା ନେଇ ସୂଚନା ଦେଇଛନ୍ତି ବିଧାୟକ ଶ୍ରୀ ମିଶ୍ର। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଶ୍ରୀ ମିଶ୍ରଙ୍କ ସମେତ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ବିଜେଡି ବ୍ଲକ ସଭାପତି ରବୀନ୍ଦ୍ର ସାହୁ, ସରୋଜ ପଟ୍ଟନାୟକ, ମୁରଲୀଧର ମହାପାତ୍ର, ରବୀନ୍ଦ୍ର କିଶୋର ରଣା, ଆଇନଜୀବୀ ଗିରିଜା ପ୍ରସାଦ ମିଶ୍ର ଓ ସଦାନନ୍ଦ ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

## 'ସାହାଯ୍ୟ'ର ବାର୍ଷିକ ଉତ୍ସବ




ଫୁଲନଖରା, ୨୫।୨(ସମିସ): କଟକ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସାହାଯ୍ୟ'ର ୪ର୍ଥ ବାର୍ଷିକ ଉତ୍ସବ ଫୁଲନଖରା ନିକଟସ୍ଥ ଲକ୍ଷେଶ୍ୱର କନ୍‌ଭେନ୍‌ସନ୍‌ରେ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ବବିତା ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବରେ ପଦ୍ମଲୋଚନ ମହାନ୍ତି, ସମ୍ମାନିତ ଅତିଥି ଭାବରେ ପ୍ରଫେସର ଡ. ଯୁଧିଷ୍ଠିର ଖଟୁଆ, ଡା. ବିଶ୍ୱନାଥ ପଟ୍ଟନାୟକ, ସୁବକ୍ତା ଅକ୍ଷୟ ମହାନ୍ତି, ଲିଭ୍‌ଲାଇଭ୍ ଓଡ଼ିଆ ପରିଚାଳନା ନିର୍ଦ୍ଦେଶକ ଟିଟନ ସାହୁ, ସମାଜସେବୀ କେଦାରନାଥ ଜେନା ଓ ସ୍ମାରକ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଏହି ଅନୁଷ୍ଠାନର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିବିଶେଷ ଓ ଯେଉଁ ବଦାନ୍ୟ ବ୍ୟକ୍ତିମାନଙ୍କ ସାହାଯ୍ୟ ସହଯୋଗରେ ଏହି ଅନୁଷ୍ଠାନ ଆଗେଇ ଚାଲିଛି ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଅନ୍ୟତମ ପ୍ରତିଷ୍ଠାତା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ମୁଖ୍ୟ ପରିଚାଳକ ପ୍ରେମାନନ୍ଦ ସାହୁ, କ୍ଷୀରୋଦ ମହାରଣା, ଗଣେଶ ମହାରଣା, ସାଇମାନ ସାହୁ, ନାରାୟଣ ସାସମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିରଜାଙ୍କ ବିୟୋଗରେ ସର୍ବଦଳୀୟ ବୈଠକ

ଟାଙ୍ଗୀ, ୨୫।୨(ସମିସ)

ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ହାଟ ପଡ଼ିଆରେ ଯୁବ ସଂଗଠକ ତଥା ଟାଙ୍ଗୀ ମଣ୍ଡଳ ସଭାପତି ସ୍ୱର୍ଗତ ବିରଜା ପ୍ରସାଦ ରାଉତଙ୍କ ଅକାଳ ବିୟୋଗରେ ରବିବାର ସନ୍ଧ୍ୟାରେ ସର୍ବଦଳୀୟ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସମ୍ପାଦକ ରାମନାରାୟଣ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ତଥା ଜିଲ୍ଲା ବିଜେପି ସଭାପତି ପ୍ରକାଶ ଚନ୍ଦ୍ର ବେହେରା, ଚୌଧୁରୀ ହେମନ୍ତ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ଅପୂର୍ବା ଅପରୂପା, ଆଇନଜୀବୀ ପ୍ରଭାତ ପ୍ରହରାଜ, ସମାଜସେବୀ ବାପୁପ୍ରୀୟ ରଘୁପତି ରାମ, ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ, ଅମୂଲ୍ୟ ସାହୁ, ପ୍ରବୀର ଦାଶ, ନିହାର ରଞ୍ଜନ ମଲ୍ଲିକ, ସ୍ଥାନୀୟ ସରପଞ୍ଚ ସୁମନପ୍ରଭା ସାହୁ, ଶାଳଗାଁ ସରପଞ୍ଚ ପବିତ୍ର ମୋହନ ଉପାଧ୍ୟାୟ, ଚିକିତ୍ସକ ଡ. ଶକ୍ତି ପ୍ରସାଦ ସାହୁ, ଧନେଶ୍ୱର ନାୟକ, ପ୍ରମୋଦ ଜଟ ଓ ଜ୍ଞାନ ରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ରାଉତଙ୍କ ଜୀବନୀ ଓ କାର୍ଯ୍ୟକ୍ରମ ବିଷୟରେ ସ୍ମୃତିଚାରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଇନଜୀବୀ ତାପସ ନାୟକ, ଦୁର୍ଗାମାଧବ ସାହୁ, ଚିନ୍ମୟ ଶତପଥୀ, ଆକାଶ ପାତ୍ର, ବିଷ୍ଣୁ ବେହେରା, ସତ୍ୟବ୍ରତ ସାହୁ, ଅମରେଶ ସାହୁ ଓ ଅଞ୍ଚଳର ବୁଦ୍ଧିଜୀବୀ, ସମାଜସେବୀ ଓ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଯୋଗଦେଇଥିଲେ।



### ଲକ୍ଷେଶ୍ୱର ମନ୍ଦିରରେ ଜାଗର ଯାତ୍ରା ପ୍ରସ୍ତୁତି ବୈଠକ

# ରାତି ୧୧ଟାରେ ଉଠିବ ମହାଦୀପ

ଫୁଲନଖରା, ୨୫।୨(ସମିସ)





ଫୁଲନଖରା ନିକଟସ୍ଥ ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମହାଦେବଙ୍କ ମନ୍ଦିରରେ ଆସନ୍ତା ମାସ ୮ ତାରିଖରେ ମହାଶିବରାତ୍ରି ବା ଜାଗର ଯାତ୍ରାକୁ ସୂଚାରୁ ରୂପେ ସମ୍ପନ୍ନ କରିବା ଲାଗି ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ଗୁଣନିଧି ମହାନ୍ତିଙ୍କ ପୌରୋହିତ୍ୟରେ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିପୁଳ ଜନସମାଗମକୁ ଲକ୍ଷ୍ୟରେ ରଖି ଯାତ୍ରାକୁ ଅତ୍ୟନ୍ତ ଶୃଙ୍ଖଳିତ ଭାବରେ ପରିଚାଳନା କରିବା ସହ ଶ୍ରଦ୍ଧାଳୁମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବା ପାଇଁ ଟ୍ରଷ୍ଟ ବୋର୍ଡ, ପରିଚାଳନା କମିଟି ସଦସ୍ୟ, ବିଭିନ୍ନ ଗ୍ରାମର ମୁରବୀମାନଙ୍କୁ ଯତ୍ନବାନ ହେବା ପାଇଁ ପରାମର୍ଶ ଦିଆଯାଇଥିଲା। ଭକ୍ତମାନେ ଶୃଙ୍ଖଳିତ ଭାବରେ ଠାକୁରଙ୍କୁ ଦର୍ଶନ କରିବା ପାଇଁ ବ୍ୟାରିକେଡ୍, ମନ୍ଦିର ପରିସର ଭିତରେ ମୀନାବଜାର ଠାରୁ ଆରମ୍ଭ କରି ଭକ୍ତମାନେ ମନ୍ଦିର ପରିସରରେ ଦୀପ ଜାଳିବା ଆଦି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା ପାଇଁ ପରିଚାଳନା କମିଟିର ସଦସ୍ୟଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ଉକ୍ତ ଦିନ ପ୍ରାତଃ ସମୟରେ ବେଦପାଠ, ୧୦.୩୦ମି ସମୟରେ ଧର୍ମସଭା, ମାନସିକ ଅନଗ୍ରସର ବ୍ୟକ୍ତିଙ୍କୁ ଖାଦ୍ୟ ଓ ବସ୍ତ୍ର ବଣ୍ଟନ, ଶ୍ରଦ୍ଧାଳୁମାନଙ୍କୁ ଦହିପଣା ଓ ମଧ୍ୟାହ୍ନ ସମୟରେ ପ୍ରସାଦ ବଣ୍ଟନ, ୪ ଘଟିକା ସମୟରେ ପ୍ରଭୁଙ୍କର ବଡ଼ସିଂହାର ବେଶ ଓ ସଂଧ୍ୟା ସମୟରେ ବିରାଟ ଭଜନ ସମାରୋହ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି। ଆଇନଶୃଙ୍ଖଳା ରକ୍ଷା, ପାନୀୟ ଜଳଯୋଗାଣ, ଆଲୋକୀକରଣ, ପରିଷ୍କାର ପରିଚ୍ଛନ୍ନତା, ଅଗ୍ନି ନିର୍ବାପକ ବ୍ୟବସ୍ଥା ସହ ରାତ୍ର ୧୧ଘଟିକା ସମୟରେ ପ୍ରଭୁଙ୍କର ମହାଦୀପ ଉଠିବା ପାଇଁ ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟ ବୋର୍ଡର ସଦସ୍ୟ ବଂଶୀଧର ଭୋଳ, ସରୋଜ ରଞ୍ଜନ ପାଢ଼ୀ, ଧିରେନ୍ଦ୍ର ପାଢ଼ୀଙ୍କ ସମେତ ଠାକୁର ପ୍ରସାଦ ଦାସ, କେଦାରନାଥ ଜେନା, କୃଷ୍ଣ ପ୍ରସାଦ ପାଢ଼ୀ ଓ ଉପଦେଷ୍ଟା ମଣ୍ଡଳୀର କିଶୋର ପଟ୍ଟନାୟକ, ପ୍ରଶାନ୍ତ ମହାନ୍ତି, ଭକ୍ତବନ୍ଧୁ ବରାଳ, ବିଚିତ୍ରାନନ୍ଦ ଦଳାଇ, ବଲ୍ଲଭ ଜେନା, କିଶୋର ଚନ୍ଦ୍ର ବରାଳ, ଗଣେଶ ପ୍ରସାଦ ମହାନ୍ତି, ନରେଶ ମହାନ୍ତି, ଅକ୍ଷୟ ଲେଙ୍କା, ସୁଧିର ପଟ୍ଟନାୟକ, ସୁଧାକର ପଟ୍ଟନାୟକ, ଜିତେନ୍ଦ୍ର ଭୋଳ, ସୁଦର୍ଶନ ମଲ୍ଲିକ ଓ ନୂତନ କୁମାର ସାହୁ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

> **ଦର୍ଶନ ପାଇଁ ବ୍ୟାରିକେଡ**
>
> ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

## ଅସୁରେଶ୍ୱର ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ନିଶ୍ଚିନ୍ତକୋଇଲି, ୨୫।୨(ସମିସ)

ଅସୁରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୬୬ ମସିହା ମାଟ୍ରିକ ବ୍ୟାଚ୍‌ର ଏକ ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ସୁକରପଡ଼ା ଡ଼ାକ ବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଛି। ୪୦ରୁ ଅଧିକ ସହପାଠୀ ଯୋଗଦେଇ ବିଗତ ୬୦ବର୍ଷ ତଳର ବିଦ୍ୟାଳୟ ଜୀବନର ସ୍ମୃତି ଅନୁଭୂତିକୁ ପରସ୍ପର ମଧ୍ୟରେ ବାଣ୍ଟି ବେଶ ଆନନ୍ଦ ପ୍ରକାଶ କରିଥିଲେ। ପ୍ରଫେସର ଶରତଚନ୍ଦ୍ର ଶତପଥିଙ୍କ ସଂଯୋଜନାରେ ଦିବଙ୍ଗତ ସହପାଠୀ ସୁକଲ୍ୟାଣୀ ନନ୍ଦ, ପ୍ରଭାକର ବରାଳ, ସାରଙ୍ଗଧର ମହାପାତ୍ର, ଚୌଧୁରୀ ଶ୍ରୀମତୀ ଦାସ, ଚୌଧୁରୀ ଶରତଚନ୍ଦ୍ର ଦାସଙ୍କ ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡା. ବଂଶୀଧର ନାୟକ, ବିଜୟକେତନ ମହାପାତ୍ର, ବ୍ରଜକିଶୋର ଶତପଥି, ବିଜୟ ମହାନ୍ତି, ଅଶୋକ ମିଶ୍ର, ପ୍ରମୋଦ ଦାସ, ପ୍ରସନ୍ନ ବରାଳ, ଗୋଲକ ଶତପଥି, ଧ୍ରୁବଚରଣ କର, ମିନାକ୍ଷୀ ସିଂହ, ଆଶାଲତା ମହାନ୍ତି, ଶରତଚନ୍ଦ୍ର ମହାନ୍ତି, ବ୍ରଜକିଶୋର ରଥ ପ୍ରମୁଖ ଯୋଗଦେଇଥିଲେ।

# ସାଲେପୁର ବ୍ଲକରେ ଲକ୍ଷ୍ମୀ ବସ୍‌ର ଶୁଭାରମ୍ଭ

**ସାଲେପୁର, ୨୫।୨(ସମିସ):** ଆଜି ସାଲେପୁର ବ୍ଲକରେ ଲକ୍ଷ୍ମୀ ବସ୍‌ର ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଲକ୍ଷ୍ମୀ ବସର ଶୁଭାରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨ଟି ବସ୍ ଚଳାଚଳ ଆରମ୍ଭ କରିଥିବାବେଳେ ସାଲେପୁର ବ୍ଲକର ୩୫ଟି ପଞ୍ଚାୟତକୁ ଖୁବ୍ ଶୀଘ୍ର ଲକ୍ଷ୍ମୀ ବସ୍ ଯୋଗାଇ ଦିଆଯିବ ବୋଲି ଜଣାଯାଇଛି। ଏହି ଲକ୍ଷ୍ମୀ ବସ୍ ଶୁଭାରମ୍ଭ ହେବା ଫଳରେ ଗ୍ରାମାଞ୍ଚଳର ମହିଳା ଓ ଛାତ୍ରଛାତ୍ରୀମାନେ ସିଧାସଳଖ ବ୍ଲକ ହେଡ୍ କ୍ୱାର୍ଟସ ସମେତ ତହସିଲ ଅନ୍ୟାନ୍ୟ କାର୍ଯ୍ୟାଳୟକୁ ନିଜର କାର୍ଯ୍ୟ ସଂପାଦନ କରିବା ପାଇଁ କମ୍ ମୂଲ୍ୟରେ ସୁରୁଖୁରୁରେ ଯାତାୟତ କରିପାରିବେ। ଏହା ରାଜ୍ୟ ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଲୋକାଭିମୁଖୀ କାର୍ଯ୍ୟ ହୋଇଥିବାରୁ ଏଭଳି କାର୍ଯ୍ୟକୁ ସାଲେପୁର ଅଞ୍ଚଳବାସୀମାନେ ସ୍ୱାଗତ କରିବା ସହ ବିଧାୟକ ପ୍ରଶାନ୍ତ ବେହେରାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଜିର ଏହି କାର୍ଯ୍ୟକ୍ରମରେ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଜିଲ୍ଲାପରିଷଦ ସଭ୍ୟା ନମିତା ସେଠୀ, ମଣ୍ଡଳ ଉନ୍ନୟନ ଅଧିକାରୀ ଖଗେଶ୍ୱର ପାତ୍ର, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରାଜଶ୍ରୀ ଜେନା, ବ୍ଲକ ମିଶନ୍ ଶକ୍ତି ସଭାନେତ୍ରୀ ତୃପ୍ତିରେଖା ପରିଡ଼ା, ଉପାଧ୍ୟକ୍ଷାଙ୍କ ପ୍ରତିନିଧି ବିଶ୍ୱଜିତ୍ ବିଶ୍ୱାଳ, ବିରଞ୍ଚି ନାରାୟଣ କର, ଗୁଲରେଜ ଅଲ୍ଲୀ, ସଞ୍ଜିତ୍ ଦାଶ, ଶୁଭମ ଦାଶ, ସରପଞ୍ଚ ସଞ୍ଜୟ ବେହୁରା, ଜ୍ୟୋତିରେଖା ନାୟକ, ସୁଧାଂଶୁବାଳା ଜେନା, ଜ୍ଞାନରଞ୍ଜନ ପଟ୍ଟନାୟକ, ସମିତିସଭ୍ୟ ମାନସ ଦାଶ, ସମିତିସଭ୍ୟା ଗୌତମୀ ମଲ୍ଲିକ, ପୁଷ୍ପିତା ଭୂୟାଁ, ସୌମ୍ୟରଞ୍ଜନ ମଲ୍ଲ, ଜୟୀରାମ ବେହେରା, ରାଜେଶ ମହାନ୍ତି, ବିଭୁତିଭୂଷଣ ଦାଶ ଯୋଗଦେଇଥିବାବେଳେ ସାଲେପୁର ବ୍ଲକର ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟ, ଏମ୍‌ବିକେ, ସିଆରପି ଓ ବହୁ ସ୍ୱେଚ୍ଛାସେବୀ ସଂଗଠନର ମହିଳାମାନେ ଯୋଗଦେଇଥିଲେ।



## ସମସ୍ୟା ଭୋଗୁଛନ୍ତି ଅଞ୍ଚଳବାସୀ

# ଗୋଟିଏ ଗାଁର ପାଞ୍ଚଟି ନାଁ

**କିଶନନଗର, ୨୫।୨(ସମିସ)**

ସଦର ସ୍ଥିତ କିଶୋରନଗର ପଞ୍ଚାୟତ ଏକ ଗାଁ ଏଭଳି ସମସ୍ୟା ଦେଇ ଗତିକରୁଛି ଯାହା ସମଗ୍ର ଭାରତ ବର୍ଷରେ ଦେଖିବାକୁ ମିଳିବନି। ଏଠାରେ କିଶୋରନଗର ନାମରେ ନାମିତ କଟକ ସଦରର ଅଗ୍ରଣୀ ପଞ୍ଚାୟତ ତାର ନିଜ ନାମକୁ ନେଇ ସଦାସର୍ବଦା ଲଜ୍ଜିତ ହେଉଛି ଏଠି ଗୋଟିଏ ଗାଁର ପାଞ୍ଚଟି ନାଁ ଯାହା ସମଗ୍ର ଭାରତବର୍ଷରେ ବିରଳ ଓଡ଼ିଶା ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଭୂ-ଲେଖ ଯାହା ଜମି ଜମା ସମ୍ବନ୍ଧୀୟ ପ୍ରମାଣ ପ୍ରଦାନ କରିଥାଏ। ସେଥିରେ ତହସିଲ କାର୍ଯ୍ୟାଳୟ ନାମ କିଶାନନଗର ପରିଲକ୍ଷିତ ଥିବା ବେଳେ ଆର ଆଇ କାର୍ଯ୍ୟାଳୟର ନାମ କେଶନଗର ଓ ଥାନାର ନାମ କିଶନନଗର ଯେତେବେଳେ କି ପଞ୍ଚାୟତ କାର୍ଯ୍ୟାଳୟ, ସ୍କୁଲ, କଲେଜ, ପୋଷ୍ଟ ଅଫିସ ଆଦି ଅନ୍ୟାନ୍ୟ କାର୍ଯ୍ୟାଳୟ ଗୁଡିକରେ କିଶୋରନଗର ନାମର ସାମୂହିକ ବହୁଳ ବ୍ୟବହାର ହେଉଥିବା ସହିତ କିଶୋରନଗର ନାମଟି ସର୍ବସାଧାରଣରେ ଆଦୃତ ହେଉଛି। ସବୁଠାରୁ ବଡ କଥା ଏହି ସବୁ କାର୍ଯ୍ୟାଳୟ ଗୁଡିକ ସେହି ଗୋଟିଏ ଗ୍ରାମରେ ଅବସ୍ଥିତ କିନ୍ତୁ ଓଡ଼ିଶା ସରକାରଙ୍କ ଇ-ଡିଷ୍ଟ୍ରିକ୍ଟ ପୋଟାଲରେ କେଶନନଗର ନାମ ଲିଖିତ ଅଛି। ଏଠାରେ ଆଲୋଚନାର ବିଷୟ ଏହାକି ଉକ୍ତ ଗ୍ରାମବାସୀ କେଉଁ ନାମକୁ ବ୍ୟବହାର କରିବେ, ବୁଦ୍ଧିଜୀବୀଙ୍କ ଠାରୁ ଭିନ୍ନ ଭିନ୍ନ ମତ ଆସୁଛି କେହି କେହି ମତ ରଖନ୍ତି କି ଚୈତନ୍ୟ ମହାପ୍ରଭୁ ପ୍ରଭୁ ଜଗନ୍ନାଥଙ୍କୁ ଭେଟିବା ପାଇଁ ପୁରୀ ଆସିଥିବା ବେଳେ ଏହି ଗ୍ରାମରେ ବିଶ୍ରାମ ନେଇ ମହାନଦୀରେ ନିଜ କେଶ ବିସର୍ଜନ କରିଥିବାରୁ ଏହି ଗ୍ରାମର ନାମ କେଶନଗର, ଆଉ କେହି କେହି କୁହନ୍ତି କି ଏହି ପଞ୍ଚାୟତର ଅନ୍ୟତମ ଗ୍ରାମ ରାମଚନ୍ଦ୍ରପୁର ଠାରେ ପ୍ରଭୁ କିଶୋରଜୀୟୁ (ରାଧାକୃଷ୍ଣ) ପୂଜା ପାଆନ୍ତି ସେଥିପାଇଁ ଏହି ଗ୍ରାମର ନାମ କିଶୋରନଗର ଯାହାକି ଅଞ୍ଚଳବାସୀଙ୍କ ଦ୍ୱାରା ଆଦୃତ ଓ ବହୁଳ ଭାବରେ ବ୍ୟବହାର ହୋଇଥାଏ କିନ୍ତୁ ନିଜ ଗାଁରୁ ବାହାରି ଯେତେବେଳେ ସରକାରୀ ହେଉ କିମ୍ବା ବେସରକାରୀ କ୍ଷେତ୍ରରେ ଯେତେବେଳେ ଗାଁର ନାମ ବ୍ୟବହାର କରିବାର ଥାଏ ସେତେବେଳେ ଉକ୍ତ ଗାଁର ଲୋକ କେଉଁ ନାମଟିକୁ ବ୍ୟବହାର କରିବେ ଦ୍ୱନ୍ଦ୍ୱରେ ପଡ଼ିଯାଆନ୍ତି ଏଥି ସହିତ ଗୋଟିଏ ଗାଁ'ର ପାଞ୍ଚଟି ନାମ ଥିବାରୁ ଉପହାସିତ ମଧ୍ୟ ହୋଇଥାନ୍ତି।







# ରାଧାକାନ୍ତଜୀଉ ମନ୍ଦିରର ଯଜ୍ଞପୀଠରେ ପହଞ୍ଚିଲା ଆଜ୍ଞାମାଳ

**ସାଲେପୁର, ୨୫।୨(ସମିସ):** ପ୍ରତିବର୍ଷ ଭଳି ଚଳିତ ବର୍ଷ ପାଟପୁରସ୍ଥିତ ଶ୍ରୀ ଶ୍ରୀ ରାଧାକାନ୍ତଜୀଉ ମନ୍ଦିର ବିଷ୍ଣୁପାଦ ପୀଠରେ ତ୍ରିଦିବସୀୟ ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞ ଅବସରରେ ଆଜି ଆଜ୍ଞାମାଳ ଶ୍ରୀଜୀଉଙ୍କ ପୀଠରେ ପହଞ୍ଚିଛି। ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥ ପୁରୀଧାମରୁ ନିର୍ଦ୍ଧାରିତ ସମୟରେ ଆଜ୍ଞାମାଳ ଆସି ଖରାଖିଆ ମହାଦେବ ମନ୍ଦିର ନିକଟରେ ପହଞ୍ଚିଥିଲା। ସମାଜସେବୀ ତଥା ଚଳଚ୍ଚିତ୍ର ପ୍ରଯୋଜକ ଦିଲ୍ଲୀପ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜ୍ଞାମାଳ ଏକ ବିମାନରେ ସୁସଜ୍ଜିତ ହୋଇ ଘଣ୍ଟ ଘଣ୍ଟା, ଖୋଳ କୀର୍ତ୍ତନ, ବାଜା ଆଦି ନାଦରେ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରାଯାଇଥିଲା। ଗ୍ରାମର ବିଭିନ୍ନ ସ୍ଥାନରେ ଲୋକମାନେ ଆଜ୍ଞାମାଳକୁ ପୂଜାର୍ଚ୍ଚନା କରି ପ୍ରଭୁକୃପା ଲାଭ କରିଥିଲେ। ଶେଷରେ ମହାପ୍ରଭୁଙ୍କ ଆଜ୍ଞାମାଳ ଗ୍ରାମ ପରିକ୍ରମା କରି ଯଜ୍ଞପୀଠରେ ସ୍ଥାପନ କରାଯିବା ପରେ ଯଜ୍ଞର ଅଙ୍କୁରାରୋପଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ମଧ୍ୟାହ୍ନରେ ପ୍ରସାଦ ସେବନ ଓ ସନ୍ଧ୍ୟାରେ ଭଜନ କୀର୍ତ୍ତନ ଆଦି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଲିପକ କୁମାର ଦାଶ, ବିଜୟ ଦାଶ, ମଦନମୋହନ ଦାଶ, ସୁବାସ ଚନ୍ଦ୍ର ଦାଶ, ହିମାଂଶୁ ଦାଶ, ଜଗମୋହନ ଦାଶ, ଶରତ ପ୍ରଧାନ, ହେମନ୍ତ କୁମାର, ବବ୍ରୁବାହନ ପ୍ରସାଦ, ଗୋପବନ୍ଧୁ ମହାନ୍ତି, ବିଶ୍ୱରଞ୍ଜନ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ଆସନ୍ତା ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ରାଧାକାନ୍ତଜୀଉ ମହୋତ୍ସବ ଅନୁଷ୍ଠିତ ହେବା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

# କଂଗ୍ରେସର ବନ୍ଧୁମିଳନ ଓ କର୍ମୀ ସମାବେଶ




**ସାଲେପୁର, ୨୫।୨(ସମିସ):** ଆଜି ୪୬ନଂ ଜୋନ୍ କଂଗ୍ରେସ କମିଟି ପକ୍ଷରୁ ବନ୍ଧୁମିଳନ ଓ କର୍ମୀ ସମାବେଶ ମାଧ୍ୟମରେ ନିଜର ଶକ୍ତି ପ୍ରଦର୍ଶନ କରିଛି ସାଲେପୁର କଂଗ୍ରେସ। ସାଲେପୁର କଂଗ୍ରେସ ନେତା ଇଂ. ଆକ୍ୟୁବ୍ ଖାଁଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷମାନେ କଂଗ୍ରେସ କାର୍ଯ୍ୟାଳୟ ଠାରୁ ଏକ ଶୋଭାଯାତ୍ରାରେ ବାହାରି ସାଲେପୁର ବଜାର ପରିକ୍ରମା କରି ମଧୁ ମଣ୍ଡପ ଠାରେ ପହଞ୍ଚିଥିଲେ। ବ୍ଲକ କଂଗ୍ରେସ କମିଟି ସଭାପତି ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ସେଠାରେ ଅନୁଷ୍ଠିତ ହୋଇଥିବା ଏହି ବନ୍ଧୁମିଳନ କର୍ମୀ ସମାବେଶରେ ମୁଖ୍ୟଅତିଥି ଭାବେ କଂଗ୍ରେସ ସଂଖ୍ୟାଲଘୁ ସେଲ୍‌ଫର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ଅବଦୁଲ କଲାମ୍ ଖାଁ ଯୋଗଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଅଲ୍ ଓଡ଼ିଶା ସଂଖ୍ୟାଲଘୁ ସେଲ୍‌ଫର ସଭାପତି ଜିଆଉଲ୍ ହକ୍, କଟକ ଜିଲ୍ଲା ସାଧାରଣ ସଂପାଦକ ଅଜମଲ୍ ଖାଁ, ୪୪ନଂ ଜୋନ୍ ସଭାପତି ଅବଦୁଲ ଇସାକ୍ ଖାଁ, ସାଲେପୁର ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଆଇନ୍‌ଜୀବୀ ଭାସ୍କର ବେହେରା, ୪୫ ନଂ ଜୋନ୍ ସଭାପତି ଅଜିତ୍ ପଣ୍ଡା, ୪୬ନଂ ଜୋନ୍ ସଭାପତି ବିଜ୍ଞାନ ଭୂୟାଁ, ୪୩ନଂ ଜୋନ୍ ସଭାପତି ସଫିଉଲ୍ ଆଲମ୍, ଇଂ. ଆକ୍ୟୁବ୍ ଖାଁ, ବିସ୍ମୟ ଭୂୟାଁ, ମିନତୀ ବିଶ୍ୱାଳ, ସେକ୍ ଅନୱାର ଅଲ୍ଲୀ ଯୋଗଦେଇଥିଲେ।

# ବାଙ୍କୀ କଲେଜ ଛାତ୍ରାବାସର ବାର୍ଷିକ ଉତ୍ସବ



**ବାଙ୍କୀ, ୨୫।୨(ସମିସ):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଲକ୍ଷ୍ମୀନାରାୟଣ ମୋଦୀ ଏବଂ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରାବାସର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଛାତ୍ରାବାସ ସମୂହର ୱାର୍ଡେନ ପ୍ରାଧ୍ୟାପକ ସମୀର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ମୁଖ୍ୟ ଶ୍ରମ କମିଶନର ଅଜୟ କୁମାର ସାମନ୍ତରାୟ ଯୋଗଦାନ କରି ଛାତ୍ରମାନଙ୍କୁ ନୈତିକ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ଆଇନ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଗିରିଶ ରଞ୍ଜନ ସାହୁ ଏବଂ ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ବ୍ୟଙ୍ଗ କବି ଡ. ପ୍ରୀତିକାନ୍ତ ପଣ୍ଡା ଯୋଗଦାନ କରି ହାସ୍ୟ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଜୀବନର ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥିଭାବେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଯୋଗଦେଇଥିଲେ। ଛାତ୍ରାବାସର ତତ୍ତ୍ୱବଧାରକ ଅଧ୍ୟାପକ ଯୁଗଳକିଶୋର ମଣ୍ଡଳ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରାବାସର ସାଧାରଣ ସଂପାଦକ ଶିବପ୍ରସାଦ ପୃଷ୍ଟି ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ ଧନ୍ୟବାଦ ଦେଇଥିଲେ। ଛାତ୍ରାବାସର ସହ ତତ୍ତ୍ୱବଧାରକ ରଞ୍ଜିତ କୁମାର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ପୁରସ୍କାର ବିତରଣୀରେ ସହଯୋଗ କରିଥିଲେ।

# ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସ୍ମୃତିସଭା

**କିଶନନଗର, ୨୫।୨(ସମିସ):** କଟକ ସଦର ଅନ୍ତର୍ଗତ ଧରିଣା ପଞ୍ଚାୟତ ଅର୍ଚ୍ଛିଲ ଗ୍ରାମର ପୂର୍ବତନ ସମିତିସଭ୍ୟ ତଥା ଅରିଲୋ ସମବାୟ ସମିତିର ପୂର୍ବତନ ସଭାପତି ସ୍ୱର୍ଗତ ରବୀନ୍ଦ୍ରନାଥ ରାଉତରାୟଙ୍କ ଧର୍ମପତ୍ନୀ ସ୍ୱର୍ଗତ ମଞ୍ଜୁବାଳା ରାଉତରାୟ ଓ ମାତା ସ୍ୱର୍ଗତ ବୁଲି ରାଉତଙ୍କ ପ୍ରତିମୂର୍ତ୍ତି ସଦର ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ଦ୍ୱାରା ଆଜି ରବିବାର ଉନ୍ମୋଚନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରମେଶ ରାଉତରାୟ, ସନ୍ତୋଷ ରାଉତରାୟ, ରାକେଶ ଆଲୋକ ରାଉତରାୟ, ରାଜେଶ ରାଉତରାୟ, ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ସରପଞ୍ଚ ରତ୍ନାକର ରାଉତ, ବିଧାୟକ ପ୍ରତିନିଧି ବିଭୂତି ଭୂଷଣ ପରିଡ଼ା, କମଳାକାନ୍ତ ଖୁଣ୍ଟିଆ, ତ୍ରିନାଥ ଦାଶ, ପ୍ରଶାନ୍ତ ପ୍ରଧାନ, ସୁଦର୍ଶନ ପ୍ରଧାନ, ଅମୀୟ ବେହେରା, ମିଳନ ଦାସ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।



# ବାଙ୍କୀ କଲେଜ ଗୃହବିଜ୍ଞାନ ବିଭାଗର କର୍ମଶାଳା

**ବାଙ୍କୀ, ୨୫।୨(ସମିସ):** ଆଜି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଗୃହବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଏକଦିବସୀୟ ଡାଟା ସଂଗ୍ରହ ଓ ଏହାର ସୁପରିଚାଳନା ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାକୁ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ବିଭାଗୀୟ ମୁଖ୍ୟା କ୍ୟାପଟେନ୍ ଡ. ସନ୍ଧ୍ୟାରାଣୀ ମହାନ୍ତି ସଭାପତିତ୍ୱ କରି କର୍ମଶାଳାର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ। ସମ୍ମାନୀତ ବକ୍ତାଭାବେ ଭୁବନେଶ୍ୱର ସ୍ଥିତ ଜିଓଏନ୍‌ଭିଟେକ୍ ଏବଂ କନସଲଷ୍ଟାନସି ସର୍ଭିସ୍ ଲିମିଟେଡର ନିର୍ଦ୍ଦେଶକ ଡ. ମନୋରଞ୍ଜନ କର, ଡ. ଶଶିଭୂଷଣ ମହାପାତ୍ର ଯୋଗଦେଇଥିଲେ। ଅଧ୍ୟାପିକା ନିବେଦିତା ପତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।



# ଇନ୍‌ଫିନାଇଟ୍ ଲଭ୍ ଏକାଡେମୀ ପକ୍ଷରୁ ରେକି କର୍ମଶାଳା

**ସାଲେପୁର, ୨୫।୨(ସମିସ):** ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଇନ୍‌ଫିନାଇଟ୍ ଲଭ୍ ଏକାଡେମୀ ପକ୍ଷରୁ ରେ.କି. କର୍ମଶାଳା ଓ ସାମୁହିକ ଔପଚାରିକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ପ୍ରଶିକ୍ଷକ ଭାବେ ଡା. ରାଜୀବ ଲୋଚନ ପଣ୍ଡା ଯୋଗଦେଇ ଏହି ପଦ୍ଧତି ଯାହା ମଣିଷ ଜୀବନରେ ବଞ୍ଚିବା ଶୈଳୀକୁ ବଦଳାଇବା ସଙ୍ଗେ ସଙ୍ଗେ ମାନସିକ ଶାରୀରିକ ଆର୍ଥିକ ଓ ଆଧ୍ୟାତ୍ମିକସ୍ତରରେ ସୁଦୃଢ଼ କରିବାରେ ସାହାଯ୍ୟ କରିଥାଏ। ଏହା ଏକ ପାରମ୍ପରିକ ସୁଦ୍ଧ, ସୁରକ୍ଷିତ ଓ ବିକଶିତ ପଦ୍ଧତି। ଯାହାର ପ୍ରୟୋଗ ଦ୍ୱାରା ମଣିଷ ନିଜର ପଞ୍ଚତତ୍ତ୍ୱ ଜ୍ଞାନ ଜାଣିବା ଓ ତାକୁ ଦୈନନ୍ଦିନ ଜୀବନରେ ଲଗାଇବା ଏକାନ୍ତ ଆବଶ୍ୟକ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଧରଣୀଧର ସାହୁ, ବ୍ରହ୍ମାନନ୍ଦ ନନ୍ଦ, ସତ୍ୟରଞ୍ଜନ ଦାଶ, ଦିଲ୍ଲୀପ ସାହୁ, ଚନ୍ଦନ ଦାଶ, ବିରଞ୍ଚି ସାମଲ, ଝୁନିଲତା ସାହୁ, ଗାୟତ୍ରୀ ନନ୍ଦ, ଇତିଶ୍ରୀ ଦାଶ, ଜ୍ୟୋତିପ୍ରକାଶ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।



# ମାହାଙ୍ଗା କଂଗ୍ରେସର ଜନସଂପର୍କ ପଦଯାତ୍ରା



**ମାହାଙ୍ଗା, ୨୫।୨(ସମିସ):** ମାହାଙ୍ଗା ବ୍ଲକ ନିର୍ବାଚନ ମଣ୍ଡଳୀ କଂଗ୍ରେସ କମିଟି ତରଫରୁ ମାହାଙ୍ଗା ବରିଷ୍ଠ କଂଗ୍ରେସ ନେତା ତଥା ପିସିସି ଶୃଙ୍ଖଳା କମିଟି ସଦସ୍ୟ ଦେବେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଜନସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୋଳିଅଠା କପିଳେଶ୍ୱର ପୀଠରୁ ଏକ ଶୋଭଯାତ୍ରାରେ ବାହାରି କୋଳିଅଠା ଗ୍ରାମପଞ୍ଚାୟତର ପ୍ରତ୍ୟେକ ଘରେ ଘରେ ପହଞ୍ଚି ଦେଶ ପାଇଁ କଂଗ୍ରେସ ଦଳର ଅବଦାନ ସଂପର୍କରେ ଜନସାଧାରଣମାନଙ୍କୁ ବୁଝାଇଥିଲେ। କେନ୍ଦ୍ରାପଡ଼ା ଲୋକସଭା ଯୁବନେତା ଇଂ ସିଦ୍ଧାର୍ଥ ସ୍ୱରୂପ ଦାଶ, ମାହାଙ୍ଗା ବ୍ଲକ କଂଗ୍ରେସ କମିଟି ସଭାପତି ଅଲେଖ ପ୍ରସାଦ ସ୍ୱାଇଁ, ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ସଭାପତି ରମାକାନ୍ତ ବେହେରା, ଯୁବନେତା ଉତ୍ତମ ବେହେରା, ଯୁବନେତା ସତ୍ୟଜିତ ସାହୁ, ସରୋଜ ପରିଡ଼ା, ପ୍ରଶାନ୍ତ ଖଟୁଆ, ପ୍ରେମାନନ୍ଦ ସାହୁ, ରିତାରାଣୀ ସାମଲ, କରୁଣାକର ସ୍ୱାଇଁ, ଦେବେନ୍ଦ୍ର ପରିଡ଼ା, ସେକ ବାଦଲ, ସୁନାକର ବରାଳ, ଚୈତନ୍ୟ ଚରଣ ପାଣି, ଉତ୍ସବ ପରିଡ଼ା, ରବୀନ୍ଦ୍ର ପରିଡ଼ା, ଦୁଃଶାସନ ନାୟକ, ଲତିଫୁର ରେହେମନ, ଅତାରୁଲ ଇସଲାମ, ଧ୍ରୁବଚରଣ ସେଠୀ, ଅରବିନ୍ଦ ପଣ୍ଡା, ମହେଶ୍ୱର ରାଉତ, ସଚିନ୍ଦ୍ର ବାରିକ, ଏସଆର ରାଜାଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ସୁକନେଇ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ସୁହାନି-୧୧କୁ ହରାଇ ଏସ୍‌ଏସ୍ ଲୁଟୁ ୱାରିଅର୍ସ ଚାମ୍ପିଅନ

**ନିଶ୍ଚିନ୍ତକୋଇଲି, ୨୫।୨(ସମିସ)**

କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ନରେନ୍ଦ୍ରପୁର ମକି ମଦନୀ ଖେଳପଡ଼ିଆରେ ୟଙ୍ଗ ଷ୍ଟାର ସୁକନେଇ ଅର୍ଗାନାଇଜେସନ ଆନୁକୂଲ୍ୟରେ ସାତ ଦିନ ବ୍ୟାପି ଚାଲିଥିବା ରାଜ୍ୟସ୍ତରୀୟ ସୁକନେଇ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଦିନ ଉଦଯାପିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ତଥା ବିହାର, ପଶ୍ଚିମବଙ୍ଗ, ଝାଡାଖଣ୍ଡ ପ୍ରମୁଖ ରାଜ୍ୟର ୨୦ଟି ଟିମ ଭାଗ ନେଇଥିଲେ। ଯୁବ ସଂଗଠକ ମିର୍ଜା ୟୁସୁଫ ବେଗଙ୍କ ସଂଯୋଜନାରେ ଅନୁଷ୍ଠିତ ଅନ୍ତିମ ମ୍ୟାଚ ସୁହାନି-୧୧ ପଶ୍ଚିମବଙ୍ଗ ସହିତ ଏସ.ଏସ ଲୁଟୁ ୱାରିଅର୍ସ ଅନୁଗୁଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଏସଏସ ଲୁଟୁ ୱାରିଅର୍ସ ନିର୍ଦ୍ଧାରିତ ଦଶ ଓଭରରେ ୧୩୦ ରନ ସଂଗ୍ରହ କରିଥିଲେ। ୧୩୧ ରନର ବିଜୟଲକ୍ଷ୍ୟ ନେଇ ସୁହାନି-୧୧ ପଶ୍ଚିମବଙ୍ଗ ୧୦ ଓଭରରେ ୭୮ ରନ କରି ପରାଜିତ ହୋଇଥିଲା। ରାଜୀବ କୁମାର ସାହୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲା ବେଳେ ଚିନ୍ମୟ ପରିଡ଼ା ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଉକ୍ତ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଫିରୋଜ ଅହମଦ ଓ ସେଖ ନୱାବ ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାପତି ସେଖ ହାଫିଜ ଅହମ୍ମଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ଚାମ୍ପିଅନ ଏସଏସ ଲୁଟୁ ୱାରିଅର୍ସ ଅନୁଗୁଳକୁ ଟ୍ରଫି ସହ ୧ ଲକ୍ଷ ୨୩ ହଜାର ୪୫୬ ଟଙ୍କା ଏବଂ ରନସଅପ ଦଳକୁ ଟ୍ରଫି ସହ ୭୮ହଜାର ୯୧୦ ଟଙ୍କା ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ହିମାଂଶୁ ଶେଖର ମହାନ୍ତି, ଗିରିଶ ରଞ୍ଜନ ମହାପାତ୍ର, ମିର୍ଜା ଅବୁଲ ବେଗ, ଜିଲ୍ଲା ପରିଷଦ ସଭ୍ୟ ଭୂପତି ଭୂଷଣ ଷଣ୍ଢ, ସରପଞ୍ଚ ନମିତା ରାୟ, ଲଳିତେନ୍ଦୁ ବିଶୋଇ, ସମିତିସଭ୍ୟ ଆଶିଷ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଇନାମ ସେକ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର କର୍ମକର୍ତ୍ତା ସେକ ଆସିଫ, ସେକ ରିହାନ, ମହମ୍ମଦ ଆସିଫ, ସେକ ବାକିର, ଫିରୋଜ ଖାନ, ସାଦ ମିର୍ଜା, ହାଇଦର ଅଲ୍ଲୀ, ରିଆଜ, ଇଜାଜ ଅହମ୍ମଦ, ସେକ ଜୁନେଦ, ରହେମନ, ଇମ୍ରାନ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ।



## ● ସାଲେପୁରକୁ ଏନ୍‌ଏସି ମାନ୍ୟତା ପ୍ରଦାନ

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଯୁବନେତା

**ସାଲେପୁର, ୨୫।୨(ସମିସ):** ଗତକାଲି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଲେପୁର ସମେତ ୩୪ଟି ସ୍ଥାନକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରିଥିବାରୁ ଆଜି ସାଲେପୁର ଅଞ୍ଚଳର ବିଜେଡି ଯୁବନେତା ତଥା ଲୋକସେବା ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ହିମାଂଶୁ ମହାନ୍ତି ନିଜ ସମର୍ଥକମାନଙ୍କ ସହ ପୀରବଜାର ଠାରୁ ଏକ ଶୋଭାଯାତ୍ରାରେ ବାହାରି ସାଲେପୁର ବଜାରରେ ଥିବା ବିଜୁ ପଟ୍ଟନାୟକ ଓ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସାଲେପୁର ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ପ୍ରଦାନ ପାଇଁ ଦଳ ବର୍ଣ୍ଣ ନିର୍ବିଶେଷରେ ବାରମ୍ବାର ବର୍ଷ ବର୍ଷ ଧରି ସରକାରଙ୍କ ନିକଟରେ ଦାବି ଉପସ୍ଥାପନ ହୋଇ ଆସୁଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଶେଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଲେପୁରକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରିଥିବାରୁ ଶ୍ରୀ ମହାନ୍ତି ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷ ଭିକେ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇବା ସହ ସାଲେପୁରବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଶୋକ ବଳ, ବିଶ୍ୱଜିତ୍ ଷଡ଼ଙ୍ଗୀ, ଅନ୍ତର୍ଯ୍ୟାମୀ ସାହୁ, କେଶବ ପରିଡ଼ା, ଦେବାଶିଷ ମଲ୍ଲିକ, ବିଷ୍ଣୁ ଦାସ, ସୁଜିତ୍ ଷଡ଼ଙ୍ଗୀ, ପ୍ରଶାନ୍ତ ସାହୁ, ବଂଶୀଧର ସ୍ୱାଇଁ, ସାଗର ମହାପାତ୍ର, ବେଣୁଧର ଦାସ, ସ୍ନେହଲତା ସିଂହ, ଲକ୍ଷ୍ମୀପ୍ରିୟା ସାହୁ, ମୁରଲୀଧର ମଲ୍ଲିକ, ଅଜୟ ସ୍ୱାଇଁ, ବବୁଲ ଉସମାନ ଘନି, ପ୍ରତାପ ବିଶ୍ୱାଳ, ଅମିତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।



